## ସଂକ୍ଷେପରେ

# ଆଜି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ

### ଦଳୀୟ ପ୍ରାର୍ଥୀଙ୍କ ପାଇଁ କରିବେ ନିର୍ବାଚନୀ ପ୍ରଚାର

ଭବାନୀପାଟଣା,୭।୫(ଉତ୍ତମ କୁମାର ଦାଶ)

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବୁଧବାର ଦିନିକିଆ କଳାହାଣ୍ଡି ଗସ୍ତରେ ଆସୁଛନ୍ତି। ଏ ନେଇ କଳାହାଣ୍ଡି ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ମଧ୍ୟାହ୍ନ ୧୨ଟା ୪୦ରେ ଭବାନୀପାଟଣା ସହରସ୍ଥିତ ରିଜର୍ଭ ପଡିଆଠାରେ ହେଲିକପ୍ଟରରେ ଓହ୍ଲାଇ ସେଠାରୁ ସଡକପଥରେ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମକୁ ଯିବେ। ସେଠାରେ ଅନୁଷ୍ଠିତ ଭାଜପାର ସାଧାରଣ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନୀ ପ୍ରଚାର କରିବେ। ଏହି ସମୟରେ କଳାହାଣ୍ଡି ଲୋକସଭା ପ୍ରଭାରୀ ରମେଶ ସାହୁ, ସାଂସଦ ପ୍ରାର୍ଥିନୀ ମାଳବିକା ଦେଓ, ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଭବାନୀପାଟଣା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକଙ୍କ ସମେତ ଜୁନାଗଡ, ଧର୍ମଗଡ, ଲାଞ୍ଜିଗଡ ଓ ନର୍ଲା ଆଦି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତକୁ ନେଇ ଭାଜପା ଶିବିରରେ ଉତ୍ସାହ ଦେଖାଦେଇଛି। ସେହିପରି ପୋଲିସ ପକ୍ଷରୁ ସୁରକ୍ଷା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

# ମହୁରୀ ବାଦକ ଚତୁର ସିଂଙ୍କ ପରଲୋକ

ଖପ୍ରାଖୋଲ,୭।୫(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଡୁଡୁକିପଦର



ଗାଁର ବରିଷ୍ଠ କଳାକାର ତଥା ମହୁରୀ ବାଦକ ଚତୁର ସିଂ (୬୭)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ ଖପ୍ରାଖୋଲ ତଥା ବଲାଙ୍ଗୀର ଜିଲାର ଜଣେ ଜଣାଶୁଣା ମହୁରୀ ବାଦକ ଥିଲେ। ନିଜର ପଞ୍ଚବାଦ୍ୟ ଦଳରେ ଦୀର୍ଘ ବର୍ଷ ହେଲା ମହୁରୀ ବଜାଇ ଆସୁଥିଲେ। ପିଲାବେଳୁ ମହୁରୀ ବଜାଇ ଅଞ୍ଚଳରେ ପରିଚିତ ଥିଲେ। ବିବାହ, ବ୍ରତ, ବିଭିନ୍ନ ଶୁଭ କାର୍ଯ୍ୟରେ ଲୋକେ ତାଙ୍କୁ ଖୋଜୁଥିଲେ। ବାର୍ଦ୍ଧକ୍ୟଜନିତ ରୋଗରେ ସେ କିଛି ଦିନ ହେବ ପୀଡିତ ଥିଲେ । ତାଙ୍କ ବିୟୋଗରେ ସେଲାପଥର ସାହିତ୍ୟ ସଂସଦ ସମ୍ପାଦକ ଧରମ ସିଂହ ଧରୁଆ, ସଭାପତି ଅଭୟ ତ୍ରିପାଠୀ, ତାପସ ବେହେରା, ବିପ୍ର ବିଶି, ଉମାକାନ୍ତ ପଧାନ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ମଙ୍ଗଳବାର ଡୁଡୁକିପଦର ଗାଁରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

# ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ହେବ ଲଢ଼େଇ

ଟିଂଟିଲାଗଡ,୭।୫(ଶରତ ମିଶ୍ର)

### ଟିଟିଲାଗଡ଼ ନିର୍ବାଚନମଣ୍ଡଳୀ: ନିର୍ବାଚନ ମଇଦାନରେ ୬ ପ୍ରାର୍ଥୀ

ବଲାଙ୍ଗୀର ଜିଲା ଟିଂଟିଲାଗଡ଼-୬୯ ବିଧାନସଭା ନିର୍ବାଚନମଣ୍ଡଳୀରେ ୬ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେଡିର ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ଭାଜପାର ନବୀନ ଜୈନ ଏବଂ କଂଗ୍ରେସ ଦଳର ବୀରେନ୍ଦ୍ର ବାଗଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି । ଚଳିତ ନିର୍ବାଚନରେ ଭାଜପା ଓ କଂଗ୍ରେସ ଦଳ ପ୍ରାର୍ଥୀ ପରିବର୍ତ୍ତନ କରି ନୂଆ ପ୍ରାର୍ଥୀଙ୍କୁ ଟିକେଟ ପ୍ରଦାନ କରିଥିବା ବେଳେ ବିଜେଡି ୨୦୧୪ ଏବଂ ଗତ ନିର୍ବାଚନରେ ବିଜୟୀ ଟୁକୁନୀଙ୍କ ଉପରେ ପୁଣି ଭରସା କରି ଟିକେଟ ଦେଇଛି । ତିନୋଟି ବ୍ଲକ, ଗୋଟିଏ ବିଜ୍ଞାପିତ ପରିଷଦ ଏବଂ ଗୋଟିଏ ପୌର ପରିଷଦକୁ ନେଇ ଗଠିତ ଏହି ନିର୍ବାଚନମଣ୍ଡଳୀରେ ସମୁଦାୟ ଭୋଟର ସଂଖ୍ୟା ହେଉଛି ୨ ଲକ୍ଷ ୫୭ ହଜାର, ୫୧୭ । ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଟିଟିଲାଗଡ଼ ବ୍ଲକରେ ମୋଟ ଭୋଟର ସଂଖ୍ୟା ୯୩,୧୧୯, ସଇଁତଲା ବ୍ଲକରେ ୯୧, ୬୪୪, ଟିଟିଲାଗଡ଼ ପୌର ପରିଷଦ ୨୪ ୯୪୭ ଏବଂ ଗୁଡଭେଲା ବ୍ଲକ ଓ ତୁଷୁରା ବିଜ୍ଞାପିତ ପରିଷଦକୁ ମିଶାଇ ଭୋଟର ସଂଖ୍ୟା ୪୭,୫୩୬ ରହିଛି । ସେହିପରି ନିର୍ବାଚନମଣ୍ଡଳୀରେ ମହିଳା ଭୋଟରଙ୍କ ସଂଖ୍ୟା ୧,୨୬,୬୭୧ ରହିଥିବା ବେଳେ ପୁରୁଷ ଭୋଟରଙ୍କ ସଂଖ୍ୟା ୧,୩୦,୭୫୨ ରହିଛି। ଏଥର ନିର୍ବାଚନରେ ମହିଳା ଭୋଟର ନିର୍ବାଚନମଣ୍ଡଳୀରେ ନିର୍ଣ୍ଣାୟକ ହେବେ ବୋଲି ଚର୍ଚ୍ଚା ହେଉଛି । ସେହିପରି ୬,୩୦୦ ନୂଆ ଭୋଟର ସାମିଲ ହୋଇଥିବା ବେଳେ ସେମାନଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ରହିବ। ଅନ୍ୟପକ୍ଷରେ ମାର୍ଚ୍ଚ ପ୍ରଥମ ସପ୍ତାହରୁ ଟିଟିଲାଗଡ଼ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇଛି। ଗତ ୫ ତାରିଖରେ ତାପମାତ୍ରା ରାଜ୍ୟରେ ସର୍ବାଧିକ ୪୫ ଡିଗ୍ରୀକୁ ଛୁଇଁ ଜନଜୀବନ ଅସ୍ତବ୍ୟସ୍ତ କରି ପକାଇଛି। ଏପରି ପରିସ୍ଥିତିରେ ବିଭିନ୍ନ ଦଳର ପ୍ରାର୍ଥୀମାନେ ପ୍ରଚାରରେ ସତର୍କତା ଅବଲମ୍ବନ ସହ ଅପରାହ୍ଣ ପର ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ଗାଁ ବୁଲି ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି। ନିକଟରେ ବିଜେଡିରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଟିଟିଲାଗଡ଼ ଆସି ରୋଡ୍ ସୋ କରିଥିବା ବେଳେ ଭାଜପାରୁ ଷ୍ଟାର ପ୍ରଚାରକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଜନସଭାକୁ ସମ୍ବୋଧିତ କରି ଫେରିଛନ୍ତି। କିନ୍ତୁ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥୀ ହୋଇଥିବା ବୀରେନ୍ଦ୍ର, ବଲାଙ୍ଗୀର ଏମ୍‌ପି ପ୍ରାର୍ଥୀ ମନୋଜ ମିଶ୍ରଙ୍କ ସହ ପ୍ରଚାର ଅଭିଯାନ ଜୋର କରିଥିବା ବେଳେ ଅଦ୍ୟାବଧି ଦଳର କୌଣସି ଷ୍ଟାର ପ୍ରଚାରକ ଆସିନାହାନ୍ତି। ଏହି ନିର୍ବାଚନମଣ୍ଡଳୀ ପାଇଁ ଅନ୍ୟ ତିନି ଜଣ ସ୍ୱାଧୀନ ପ୍ରାର୍ଥୀ ଈଶ୍ୱରଚନ୍ଦ୍ର ଗୁରଡା, ସତ୍ୟନାରାୟଣ ବହିଦାର, ଓ କ୍ଷେମରାଜ ଅଗ୍ରୱାଲ ଗାଁ କୁ ଗାଁ ବୁଲି ପ୍ରଚାର ଚଳାଇଛନ୍ତି ।



ବଲାଙ୍ଗୀର ଜଗନ୍ନାଥପଡାଠାରେ ରାମଜୀ ନାଟ୍ୟ ସଂସଦ ପକ୍ଷରୁ ଚାଲିଥିବା ପ୍ରସିଦ୍ଧ ରାମଲୀଳାରେ ଶ୍ରୀରାମ-ଲକ୍ଷ୍ମଣଙ୍କ ସହ ଲଙ୍କାସେନାର ଏକ ଯୁଦ୍ଧ ଦୃଶ୍ୟ ।

# କଂକ୍ରିଟକରଣରେ ଅନିୟମିତତା



ଲୋଇସିଂହା,୭।୫(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ପଞ୍ଚାୟତ ସମିତି ପକ୍ଷରୁ ମନସାପାଲି ଗ୍ରାମର ବସ୍ତିରେ କଂକ୍ରିଟକରଣ ପାଇଁ ଅନୁଦାନ ମଞ୍ଜୁର ହୋଇଛି । ହେଲେ ବସ୍ତିରେ କଂକ୍ରିଟ ନ କରି ଅନ୍ୟତ୍ର କରାଯାଇଛି । ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି । ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଆଇଡିଏଫ ପାଣ୍ଠିରୁ ୬ ଲକ୍ଷ ବ୍ୟୟ ଅଟକଳରେ ବସ୍ତିରେ କଂକ୍ରିଟକରଣ ଲାଗି ଅନୁଦାନ ମିଳିଛି । କିନ୍ତୁ ବସ୍ତିରେ କଂକ୍ରିଟ ନ କରି ଗ୍ରାମର ପୋଖରୀ ହୁଡା ଏବଂ ଛେଳିଆପଟ ଗୁଡି ନିକଟରେ ନିର୍ମାଣ ହୋଇଛି। ବସ୍ତିର କୁଦାଇପଡାରୁ ସରାଡୁଲି, ପ୍ରହରୀ ମଣ୍ଡପରୁ ପାଏନଖାଇ ଟୁଆଁ, କବାଟ ପଡା ଆଦି ସ୍ଥାନରେ ମାଟି ରାସ୍ତା ଥାଇ ସୁଦ୍ଧା ଅନ୍ୟତ୍ର କାମ କରାଯାଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। କାମ ମଧ୍ୟ ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବସ୍ତିର ଏହି ସ୍ଥାନଗୁଡିକରେ କାମ କରିବାକୁ ପୂର୍ବରୁ ଗ୍ରାମାବସୀ ପଞ୍ଚାୟତ ଓ ବ୍ଲକ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ । ହେଲେ କଂକ୍ରିଟକରଣ ପାଇଁ ଅନୁଦାନ ମିଳିବା ପରେ ଅନ୍ୟ ଜାଗାରେ କାମ କରିବା ରହସ୍ୟ କ'ଣ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ଥାନୀୟ ସରପଞ୍ଚ ବନୀତା ମେହେରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଅନ୍ୟ ଆଡେ କାମ ହେଉଥିବା କେତେଜଣ ବ୍ୟକ୍ତି ଅଭିଯୋଗ କରିଛନ୍ତି । ତେବେ ଏ ସମ୍ପର୍କରେ ସଠିକ ଜଣାନାହିଁ ବୋଲି ସେ କହିଥିଲେ ।

# ତୁର୍କୀ ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ଓଡ଼ିଆ ପୁଅ ଅଶ୍ୱିନୀ-ଅବନୀଙ୍କ କାର୍ଟୁନ୍

ବଲାଙ୍ଗୀର,୭।୫(ବୀରେନ୍ଦ୍ର କୁମାର ଝାଙ୍କର)

ଗତ ୫ ତାରିଖରେ ବିଶ୍ୱ କାର୍ଟୁନିଷ୍ଟ ଦିବସ ପାଳନ ଅବସରରେ ତୁର୍କୀର ଏଜ୍ ବିଶ୍ୱବିଦ୍ୟାଳୟ ଆବାହକତ୍ୱରେ ଆୟୋଜିତ ଇଣ୍ଟରନ୍ୟାଶନାଲ ଅନ୍‌ଲାଇନ୍ ଜୁରିଡ୍ ଗ୍ରୁପ୍ କାର୍ଟୁନ୍ ପ୍ରଦର୍ଶନୀରେ ଓଡ଼ିଶାର ଜଣାଶୁଣା କାର୍ଟୁନିଷ୍ଟ ଭ୍ରାତୃଦ୍ୱୟ ଅଶ୍ୱିନୀ-ଅବନୀଙ୍କ ଏକ ବ୍ୟଙ୍ଗଚିତ୍ର ସ୍ଥାନ ପାଇଛି। ଏଥିରେ ନେକ୍‌ଡେଟ୍ ବୁଡାକ୍ ସଭାପତି ତଥା ଡ. କେମ୍ ଗୁଜେଲୋଗ୍ଲୁ କ୍ୟୁରେଟର୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଓ ୧୬ ଜଣିଆ ବିଚାରକମଣ୍ଡଳୀ ବିଶ୍ୱର କୋଣ ଅନୁକୋଣରୁ ୭୨ଟି କାର୍ଟୁନ୍‌କୁ ପ୍ରଦର୍ଶନୀ ପାଇଁ ନିର୍ବାଚିତ କରିଥିଲେ। ଏହି ଅବସରରେ ଏକ କାର୍ଟୁନ ପୁସ୍ତିକା ମଧ୍ୟ ୟୁନିଭର୍‌ସିଟି ୱେବ୍‌ସାଇଟରେ ଉନ୍ମୋଚିତ ହୋଇଛି । ବିଶ୍ୱସ୍ତରରେ କାର୍ଟୁନିଷ୍ଟମାନଙ୍କୁ ଯୋଡିବା, ହାସ୍ୟ ରସାତ୍ମକ ଭାବର ପ୍ରଭାବକୁ ବିସ୍ତାରିତ କରିବା, ଗଠନମୂଳକ ଆଲୋଚନା ତଥା ହସିବା-ହସାଇବା କଳାକୁ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ। ଏହି ପ୍ରଦର୍ଶନୀରେ ପ୍ରଦର୍ଶିତ ଅଶ୍ୱିନୀ-ଅବନୀଙ୍କ ବ୍ୟଙ୍ଗଚିତ୍ରରେ ମନୁଷ୍ୟକୃତ କର୍ମ ହେତୁ ସର୍ବଦା ଜର୍ଜରିତ ବିଶ୍ୱ ପରିବେଶର ଏକ ବାସ୍ତବ ଚିତ୍ର ପ୍ରଦର୍ଶିତ ହୋଇଛି । ଏହି ପ୍ରଦର୍ଶନୀରେ ସୁରକ୍ଷାର ଉତ୍ତରଦାୟିତ୍ୱକୁ ନେଇ ଏକ ବଳିଷ୍ଠ ବାର୍ତ୍ତା ପ୍ରଦାନ କରାଯାଇଛି। ନିକଟ ଅତୀତରେ ଅଯୋଧ୍ୟା ରାମମନ୍ଦିର ପ୍ରତିଷ୍ଠା ଅବସରରେ ଆୟୋଜିତ ଅନ୍ୟ ଏକ ସର୍ବଭାରତୀୟ କାର୍ଟୁନ୍ ପ୍ରତିଯୋଗିତାରେ ମଧ୍ୟ ଅଶ୍ୱିନୀ-ଅବନୀଙ୍କ ଏକ କାର୍ଟୁନ୍ ପୁରସ୍କୃତ ତଥା ପ୍ରଦର୍ଶିତ ହୋଇଥିଲା। ଏହା ପୂର୍ବରୁ ଇଜିପ୍ଟର କାଇରୋଠାରେ ଆୟୋଜିତ ସ୍ପିରିଟ୍ ଅଫ୍ ଗାନ୍ଧୀ ଇଣ୍ଟରନ୍ୟାଶନାଲ୍ ପ୍ରଦର୍ଶନୀରେ ମଧ୍ୟ କାର୍ଟୁନିଷ୍ଟ ଭ୍ରାତୃଦ୍ୱୟଙ୍କ କୃତୀ ସ୍ଥାନ ପାଇଥିଲା । ଦୀର୍ଘ ୩୫ ବର୍ଷରୁ ଅଧିକ ସମୟ ଧରି ନିରବଚ୍ଛିନ୍ନ ଭାବରେ କାର୍ଟୁନ କରି ଆସୁଥିବା ଓଡ଼ିଶାର ଏହି ଭ୍ରାତୃଦ୍ୱୟ ବିଶ୍ୱ ବ୍ୟଙ୍ଗଚିତ୍ର ଜଗତରେ ବେଶ ପ୍ରତିଷ୍ଠିତ। ୨୦୧୪ ମସିହାରୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇ ସାରିଥିବା ଅଶ୍ୱିନୀ-ଅବନୀ ଅନେକବାର ଅନ୍ତର୍ଜାତୀୟ ତଥା ଜାତୀୟ ସ୍ତରରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇସାରିଛନ୍ତି। ଏହି ଦୁଇ ଭାଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପିସି ରଥ ମେମୋରିଆଲ୍ ଇଣ୍ଟରନ୍ୟାଶନାଲ ୱେବ୍ କାର୍ଟୁନ୍ କଣ୍ଟେଷ୍ଟ ସମଗ୍ର ବିଶ୍ୱସ୍ତରରେ ପ୍ରସିଦ୍ଧି ଲାଭ କରିଛି।




କାର୍ଟୁନିଷ୍ଟ ଅଶ୍ୱିନୀ-ଅବନୀଙ୍କ ଚର୍ଚ୍ଚିତ ଏକ କାର୍ଟୁନ ତୁର୍କୀରେ ପ୍ରଦର୍ଶିତ ହୋଇଛି।

# ନିର୍ବାଚନ ପାଖେଇଲା, ନେତାଙ୍କ ଦେଖାନାହିଁ

ଲାଠୋର,୭।୫(ଭୁବନେଶ୍ୱର ବାରିକ)

ଆସନ୍ତା ୨୦ ତାରିଖରେ ବଲାଙ୍ଗୀର ଜିଲାରେ ନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ ପାଖେଇ ଆସିଥିବା ବେଳେ ପାଟଣାଗଡ ନିର୍ବାଚନମଣ୍ଡଳୀ ଅଧୀନ ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ବିଭିନ୍ନ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ଦେଖା ଏଯାଏ ମିଳିନାହିଁ । ଫଳରେ ଏନେଇ ବାଟରେ ଘାଟରେ ଭୋଟରମାନେ ଚର୍ଚ୍ଚା କରିବା ସହ ସାମାଜିକ ଗଣମାଧ୍ୟମରେ ଆଲୋଚନା କରୁଥିବା ଦୃଷ୍ଟିଗୋଚର ହେଉଛି । ଲାଠୋର ଜୋନ ନମ୍ବର ୩ର ୧୧ ଗୋଟି ପଞ୍ଚାୟତ ପାଟଣାଗଡ ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଛି । ଚଳିତ ନିର୍ବାଚନରେ ଏହି ଆସନରେ ବିଜେଡିରୁ ସରୋଜ କୁମାର ମେହେର, ଭାଜପାରୁ କନକବର୍ଦ୍ଧନ ସିଂଦେଓ, କଂଗ୍ରେସରୁ ଅନୀଲ ମେହେର, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକରୁ ଚୈତନ ବାଗ, କୋଶଳ ମୁକ୍ତି ମୋର୍ଚ୍ଚାରୁ ବଳରାମ ବର୍ଗତ୍ତି ପ୍ରାର୍ଥୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲବ ସୁନା, ଜତି ପ୍ରଧାନ ଏବଂ ସୌରୀ କୁମାର ସାହୁ ରହିଛନ୍ତି। ନିର୍ବାଚନ ଅଳ୍ପ ଦିନ ଥିବା ବେଳେ ଜଣେ ହେଲେ ପ୍ରାର୍ଥୀ ପ୍ରଚାର ଆରମ୍ଭ କରିନାହାନ୍ତି। ୮ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ଦୁଇ ତିନି ଜଣ ପ୍ରାର୍ଥୀ ନାମାଙ୍କନ ପୂର୍ବରୁ ଜୋନ ନମ୍ବର ୩ ଅଞ୍ଚଳର କେତେକ ଗ୍ରାମକୁ ଯାଇ ନିର୍ବାଚନୀ ସଭା କରିଥିବା ଭୋଟର କହୁଛନ୍ତି । ଆଗରୁ ଯେଉଁ ନିର୍ବାଚନ ହେଉଥିଲା ସେତେବେଳେ ଭୋଟରମାନଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଦଳର ପ୍ରାର୍ଥୀ ଗାଡ଼ିରେ ପୋଷ୍ଟର ମାରି ବିଭିନ୍ନ ବାଜା, ସଙ୍କୀର୍ତ୍ତନ ସହ ଗାଁକୁ ଗାଁ ଯାଇ ବିକାଶର କଥା କହି ଭୋଟ ମାଗୁଥିଲେ। ସେହି ମାହୋଲ ଚଳିତ ନିର୍ବାଚନରେ ଦେଖା ଯାଉନାହିଁ। ଏହି ଅଞ୍ଚଳରେ ସହସ୍ରାଧିକ ଭୋଟର ରହିଛନ୍ତି। ସେମାନେ ପ୍ରାର୍ଥୀମାନଙ୍କ ଠାରୁ ଅଞ୍ଚଳର କ'ଣ ସବୁ ବିକାଶ ହୋଇଛି, ଆଗକୁ ସେମାନେ ବିଜୟୀ ହେଲେ ଅଞ୍ଚଳର କ'ଣ ସବୁ ବିକାଶ କରିବେ ତାହା ଶୁଣିବାକୁ ଚାହିଁ ବସିଛନ୍ତି । ହେଲେ ପ୍ରାର୍ଥୀଙ୍କ ବଦଳରେ ସେମାନଙ୍କ ସମର୍ଥକ ଓ କର୍ମୀ ଭୋଟରମାନଙ୍କୁ ଭେଟି ଭୋଟ ଭିକ୍ଷା କରୁଥିବାରୁ ଶିକ୍ଷିତ ଭୋଟରମାନେ କେଉଁ ପ୍ରାର୍ଥୀଙ୍କୁ ନିଜର ମୂଲ୍ୟବାନ ଭୋଟ ଦେବେ ନିଷ୍ପତ୍ତି ନେଇ ପାରୁନାହାଁନ୍ତି। ଏଥିପ୍ରତି ପ୍ରାର୍ଥୀମାନେ ଦୃଷ୍ଟି ଦେଇ ପ୍ରଚାର ଅଭିଯାନ ଜୋରଦାର କରିବାକୁ ସାଧାରଣରେ ମତପ୍ରକାଶ ପାଉଛି।

# ନୃତ୍ୟ, ସଙ୍ଗୀତରେ ଝୁମିଲେ କୁନି କଳାକାର

ବଲାଙ୍ଗୀର,୭।୫(ବୀରେନ୍ଦ୍ର କୁମାର ଝାଙ୍କର)



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

### ସଙ୍ଗୀତ ମହାବିଦ୍ୟାଳୟ ପଞ୍ଚମର ବାର୍ଷିକୋତ୍ସବ

ସ୍ଥାନୀୟ ସୁଦପଡା ରେନ୍‌ବୋ ପେଲେସଠାରେ ଅଗ୍ରଣୀ ସଙ୍ଗୀତ ମହାବିଦ୍ୟାଳୟ ପଞ୍ଚମର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ୫୦ ଜଣ କୁନି ତବଲା ଶିଳ୍ପୀଙ୍କ ଦ୍ୱାରା ତବଲା ବାଦନ ପରିବେଶକୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ପ୍ରାରମ୍ଭିକ ସଙ୍ଗୀତରେ ପଞ୍ଚଦେବଙ୍କ ବନ୍ଦନା ଏକ ସଙ୍ଗୀତମୟ ପରିବେଶ ସୃଷ୍ଟି କରିଥିଲା। ସଭାପତି ମୁରଲୀଧାରି ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସମ୍ପାଦକ ଦିବ୍ୟରଞ୍ଜନ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ତବଲା ବାଦକ ଟଙ୍କଧର ମିଶ୍ରଙ୍କୁ ଗୁରୁଶ୍ରୀ ଚିତ୍ତ ରଞ୍ଜନ ସାହାଣୀ ସ୍ମୃତି ସମ୍ମାନ, ସଙ୍ଗଠକ ଜୟକୃଷ୍ଣ ମିଶ୍ରଙ୍କୁ ଭଗବାନ ପତି ସ୍ମୃତି ସମ୍ମାନ ଏବଂ କୁମାରୀ ବିଜ୍ଞାଶୀ ବାରିକ ଓ ସୁନୀଲ ମହାରଣାଙ୍କୁ ଯଥାକ୍ରମେ ପ୍ରଫୁଲ୍ଲ ପ୍ରଧାନ ଓ ମୁରଲୀଧର ବେହେରା ଯୁବ ପ୍ରତିଭା ପୁରସ୍କାରରେ ପୁରସ୍କୃତ କରାଯାଇଥିଲା। ବର୍ଷର ଶ୍ରେଷ୍ଠ ଛାତ୍ରୀ ଭାବେ ଉତ୍ସବରେ କୁମାରୀ ଅନ୍ୱେଷା ବାଗଙ୍କୁ ବ୍ରଜମୋହନ ଦାସ ସ୍ମାରକୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଅତିଥି ଭାବେ ଗଣମାଧ୍ୟମ ପ୍ରତିନିଧି ଅଖିଳ ଚନ୍ଦ୍ର ହୋତା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଗୌରକିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ମଙ୍ଗଳା ଚରଣ, କଥକ, ଓଡିଶୀ ନୃତ୍ୟ, କଣ୍ଠ ସଙ୍ଗୀତ, ସମ୍ବଲପୁରୀ ନୃତ୍ୟ, ରିମିକ୍ସ ଏବଂ ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। କାର୍ଯ୍ୟକ୍ରମକୁ ବହୁ ଦର୍ଶକ ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମ୍ବିତ ସାହୁ, ସଂସ୍କାର ମିଶ୍ର, ଶୁଭେନ୍ଦୁ ଜାଲ, କିସ୍ତରାଜ ପତି, ଅଭିଷେକ ବାରିକ, ସତ୍ୱିକ ମହାପାତ୍ର, ସୋମ କୁମାର ବାବୁ ସହଯୋଗ କରିଥିଲେ। ନବଘନ ସାହୁ, ଡ଼ା ଲଳିତ କୁମାର ସାହୁ ଓ ମଧୁସ୍ମିତା ସାହୁ ମଞ୍ଚ ସଞ୍ଚାଳନ କରିଥିଲେ। ଶଙ୍କର ନାରାୟଣ ମୂର୍ତ୍ତି, ଦୀପକ ବରାଳ, ପ୍ରଭଞ୍ଜନ ରାୟଗୁରୁ, ସିରିଶା ଶୁଭଦର୍ଶିନୀ ପତି ସହଯୋଗ କରିଥିଲେ।

# 'ଅପରାଧମୁକ୍ତ ନାରା ଦେବା ଗ୍ରହଣୀୟ ହେବନି'

ବଲାଙ୍ଗୀର,୭।୫(ବୀରେନ୍ଦ୍ର କୁମାର ଝାଙ୍କର)

ଗତ ୧୦ ବର୍ଷ ହେଲା ବଲାଙ୍ଗୀର ସହର ଓ ଆଖପାଖ ଅଞ୍ଚଳର ସାଧାରଣ ଜନତା ହୁଅନ୍ତୁ କି ବ୍ୟବସାୟୀ ସମସ୍ତେ କିପରି ଶାନ୍ତିପୂର୍ଣ୍ଣ ଜୀବନଯାପନ ତଥା ବ୍ୟବସାୟ କରିପାରିବେ, ସେ ଉପରେ ବିଧାୟକ ନରସିଂହ ମିଶ୍ର ସ୍ଥାନୀୟ ପୋଲିସ ପ୍ରଶାସନ ତଥା ରାଜ୍ୟ ଗୃହ ବିଭାଗ ଉପରେ ଚାପ ପକାଇ ଆସିଛନ୍ତି। ତାଙ୍କ ଉଦ୍ୟମରେ ବଲାଙ୍ଗୀର ଆଜି ଶାନ୍ତି ଓ ସୌହାର୍ଦ୍ଦ୍ୟର ସହର ପାଲଟିଛି। କିନ୍ତୁ ପରିତାପର ବିଷୟ ଯେ, ବଲାଙ୍ଗୀରର ସ୍ଥାନୀୟ ବିଜେଡି ନେତା ତଥା ରାଜ ପରିବାର ସଦସ୍ୟ ନିକଟରେ ଅନୁଷ୍ଠିତ ଏକ ନିର୍ବାଚନୀ ସଭାରେ ବଲାଙ୍ଗୀରକୁ କ୍ରାଇମ କ୍ୟାପିଟାଲ ବୋଲି ଆଖ୍ୟା ଦେଇଛନ୍ତି। ଏହି ବିଜେଡି ନେତା ବଲାଙ୍ଗୀରକୁ କ୍ରାଇମ କ୍ୟାପିଟାଲ କହି କେବଳ ବଦନାମ କରୁନାହାନ୍ତି ବରଂ ଗୃହ ବିଭାଗ ଦାୟିତ୍ୱରେ ଥିବା ନିଜ ଦଳ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅପାରଗ ପ୍ରମାଣ କରୁଛନ୍ତି ବୋଲି କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ବିଭିନ୍ନ ସ୍ଥାନରେ ଆୟୋଜିତ ନିର୍ବାଚନୀ ସଭାରେ କହିଛନ୍ତି। ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଭାନପୁର, ସାଉନ୍ତମୁଣ୍ଡା, ପ୍ରତାପପୁର, ସିରିସ ଓ ନୁନିଆଡିପା ଗାଁରେ ମଙ୍ଗଳବାର ଆୟୋଜିତ ଜନ ଆଶୀର୍ବାଦ ସଭାରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ଆହୁରି କହିଛନ୍ତି ଯେ, ଗତ ନିର୍ବାଚନରୁ ଆଜି ପର୍ଯ୍ୟନ୍ତ ଏଠାକାର ରାଜ ପରିବାର ବଲାଙ୍ଗୀରର ଅପରାଧୀମାନଙ୍କୁ ନିଜ ପାଖରେ ରଖି ନିର୍ବାଚନ ପରିଚାଳନା କରିଆସୁଛନ୍ତି। ଯେଉଁ ରାଜପରିବାର ବିରୋଧରେ ନିଜ ବୋହୂ ନିର୍ଯାତନା ମାମଲା ରୁଜୁ କରିଛନ୍ତି ସେମାନେ ଅପରାଧମୁକ୍ତ ବଲାଙ୍ଗୀର ନାରା ଦେଇ ଲୋକଙ୍କୁ କେବଳ ଭୁଆଁ ବୁଲାଉଛନ୍ତି ବୋଲି ସେ କହିଥିଲେ। ଏଠାକାର ବିଜ୍ଞ ଜନସାଧାରଣ ଆଗାମୀ ନିର୍ବାଚନରେ ଶିକ୍ଷା, ରୋଜଗାର, ଜଳସେଚନ, ଗମନାଗମନ, ସ୍ୱାସ୍ଥ୍ୟ, ସର୍ବୋପରି ବଲାଙ୍ଗୀରର ସର୍ବାଙ୍ଗୀନ ବିକାଶ ସପକ୍ଷରେ ମତଦାନ କରିବେ ବୋଲି ସମରେନ୍ଦ୍ର କହିଥିଲେ। କଂଗ୍ରେସ ସରକାରକୁ ଆସିଲେ କୃଷିଋଣ ଛାଡ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଋଣ ଛାଡ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩ ହଜାର ଟଙ୍କାକୁ ବୃଦ୍ଧି, ଗରିବଙ୍କୁ ୨୦୦ ୟୁନିଟ ବିଜୁଳି ମାଗଣା, ବେକାରି ଭତ୍ତା ୩ହଜାର ଟଙ୍କା, ସାମାଜିକ ସୁରକ୍ଷା ଯୋଜନାରେ ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ମାସିକ ୨ ହଜାର ଟଙ୍କାକୁ ବୃଦ୍ଧି କରାଯିବ ବୋଲି କହିଥିଲେ। ବେକାରୀ ଭତ୍ତା ୩ ହଜାର ଟଙ୍କା ପ୍ରଦାନର ଗ୍ୟାରେଣ୍ଟି କଂଗ୍ରେସ ଦଳ ତରଫରୁ ଦିଆଯାଉଛି ବୋଲି ସେ କହିଥିଲେ । ସାଧାରଣ ଲୋକଙ୍କ ହିତ ପାଇଁ କଂଗ୍ରେସ ଦଳର ବିଧାୟକ ପ୍ରାର୍ଥୀ ଏବଂ ଲୋକ ସଭା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଏହି ଅବସରରେ ସମରେନ୍ଦ୍ର ନିବେଦନ କରିଥିଲେ ।



କଂଗ୍ରେସ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ବଲାଙ୍ଗୀର ସଦର ବ୍ଲକର ଗ୍ରାମାଞ୍ଚଳରେ ନିର୍ବାଚନୀ ପ୍ରଚାର କରୁଛନ୍ତି।

# ଗାଁ ମୁହାଁ ନେତା, ପ୍ରଚାରରେ କଂଗ୍ରେସ ଆଗରେ

## ବୌଦ୍ଧରେ ଜୋର ଧରିଲା ନିର୍ବାଚନ ପ୍ରଚାର

ବୌଦ୍ଧ,୭ା୫(ଅଜିତ କୁମାର ବାରିକ)

ବୌଦ୍ଧ ଜିଲାରେ ଏବେ ରାଜନୀତି ସରଗରମ ହୋଇପଡିଛି। ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ଆସନ୍ତା ୨୦ ତାରିଖରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ରାଜନୈତିକ ଦଳଗୁଡିକ ଭୋଟ ପାଇଁ ପ୍ରଚାର ଜୋରଦାର କରିଛନ୍ତି । ବୌଦ୍ଧ ନିର୍ବାଚନମଣ୍ଡଳୀ ପାଇଁ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀ, ଇଣ୍ଡିଆନ ସିଟିଜେନ ପାର୍ଟିର ଜଣେ ପ୍ରାର୍ଥୀ ଓ ଦୁଇଜଣ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ବୌଦ୍ଧ ନିର୍ବାଚନମଣ୍ଡଳୀରେ ତିନି ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ଭାଜପା ଓ ବିଜେଡି ମଧ୍ୟରେ ତ୍ରିମୁଖି ଲଢାଇ ହେବାକୁ ଯାଉଛି। କଂଗ୍ରେସ ପକ୍ଷରୁ ବରିଷ୍ଠ ଆଇନଜୀବୀ ନବକୁମାର ମିଶ୍ର, ଭାଜପାରୁ ହରଭଙ୍ଗା ବ୍ଲକ ଉପାଧ୍ୟକ୍ଷ ସରୋଜ କୁମାର ପ୍ରଧାନ ଓ ବିଜେଡିରୁ ବିଧାୟକ ପ୍ରଦୀପ କୁମାର ଅମାତ ପ୍ରାର୍ଥୀ ହୋଇଛନ୍ତି। ଭୋଟ ଗ୍ରହଣକୁ ଆଉ ୧୨ ଦିନ ବାକି ଥିବା ବେଳେ ତିନି ଦଳ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ନେତା ଏବେ ଗାଁ ମୁହାଁ ହେବା ସହ ଭୋଟରଙ୍କୁ ନିଜ ସପକ୍ଷରେ ଭୋଟ ଦେବାକୁ ନିବେଦନ କରୁଛନ୍ତି । କଂଗ୍ରେସ ଦଳ ପ୍ରଚାର ମଇଦାନରେ ଆଗରେ ରହିଛି । ମଙ୍ଗଳବାର ଦିନ କଂଗ୍ରେସ ପ୍ରାର୍ଥୀ ମିଶ୍ର ଦଳୀୟ ସର୍ମଥକଙ୍କ ସହ ହରଭଙ୍ଗା ବ୍ଲକର ରାଧାନଗର ଗ୍ରାମ ପଞ୍ଚାୟତରେ ପ୍ରଚାରକୁ ଜୋରଦାର କରିଥିବା ଦେଖିବାକୁ ମିଳିଛି । ମିଶ୍ର ରାଧାନଗର ପଞ୍ଚାୟତର ଚନ୍ଦନନଗର, ବଡବାଗବର, ପିପଲକଟା, ଲହୁରାଗାଡିଆ, ଲାଣ୍ଡିବନ୍ଧ ଆଦି ଗ୍ରାମରେ ଘରକୁ ଘର ଯାଇ ପ୍ରଚାର କରିବା ସହ କଂଗ୍ରେସର ଗ୍ୟାରେଣ୍ଟି ଉପରେ ଲୋକଙ୍କୁ ବୁଝାଇଥିଲେ। ଜନସାଧାରଣ ମଧ୍ୟ ତାଙ୍କୁ ସ୍ୱାଗତ କରିବା ଦେଖିବାକୁ ମିଳିଥିଲା । ଭାଜପା ପକ୍ଷରୁ ପ୍ରାର୍ଥୀ ସରୋଜ କୁମାର ପ୍ରଧାନ ଦଳୀୟ ନେତାଙ୍କୁ ନେଇ ବିଭିନ୍ନ ଗାଁରେ ବୈଠକ କରୁଛନ୍ତି । ପ୍ରଚାରରେ ତାଙ୍କ ସ୍ତ୍ରୀ ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସେହ୍ନଲତା ପ୍ରଧାନ ମଧ୍ୟ ଗାଁ ଗାଁ ବୁଲି ଭାଜପାକୁ ଭୋଟ ଦେବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି । ଭାଜପା ପକ୍ଷରୁ କେନ୍ଦ୍ର ସରକାରଙ୍କ ୧୦ ବର୍ଷର ସଫଳତା ଓ ମୋଦି ଗ୍ୟାରେଣ୍ଟି ନେଇ ପ୍ରଚାର କରାଯିବା ସହ ଭୋଟ ଦେବାକୁ ଅନୁରୋଧ କରାଯାଉଛି। ବୌଦ୍ଧରେ ବିଜେଡି ପ୍ରାର୍ଥୀ ପ୍ରଦୀପ କୁମାର ଅମାତ ୫ ଥର ବିଧାୟକ ହୋଇ ସାରିଥିବା ବେଳେ ଏଥର ଷଷ୍ଠ ଥର ପାଇଁ ବୌଦ୍ଧ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହୋଇଛନ୍ତି। ସେ ମଧ୍ୟ ଏଥର ପ୍ରଚାର ଜୋରଦାର କରିବା ସହ ରାଜ୍ୟ ସରକାରଙ୍କ ବିକାଶମୂଳକ କାମକୁ ନେଇ ଭୋଟରଙ୍କ ପାଖକୁ ଯାଉଛନ୍ତି। ସେ ନିଜ ଦଳର ନେତାମାନଙ୍କ ସହ ବିଭିନ୍ନ ସ୍ଥାନରେ ବୈଠକ କରିବା ସହ ଗାଁଗୁଡିକ ଯାଇ ଲୋକଙ୍କୁ ଭେଟି ଭୋଟ ଦେବାକୁ ଅନୁରୋଧ କରୁଥିବା ଦେଖିବାକୁ ମିଳୁଛି। ବୌଦ୍ଧ ନିର୍ବାଚନମଣ୍ଡଳୀରେ ଭୋଟର ପୁରୁଣା ଚେହେରାକୁ ପୁଣି ଭରସା କରୁଛନ୍ତି ନା ପରିବର୍ତ୍ତନ ଚାହୁଁଛନ୍ତି ତାକୁ ନେଇ ଚର୍ଚ୍ଚା ଲାଗି ରହିଛି ।


କଂଗ୍ରେସ ପ୍ରାର୍ଥୀ ନବକୁମାର ମିଶ୍ର ରାଧାନଗର ପଞ୍ଚାୟତର ବିଭିନ୍ନ ଗାଁ ରେ କଂଗ୍ରେସ ଗ୍ୟାରେଣ୍ଟି ନେଇ ପ୍ରଚାର କରୁଛନ୍ତି ।

# ପୁରୁଣାକଟକ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ

ବୌଦ୍ଧ,୭ା୫(ଅଜିତ କୁମାର ବାରିକ )

ବୌଦ୍ଧ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ଜିଲା ପୋଲିସ ପକ୍ଷରୁ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ କରିବାକୁ ଜିଲା ପ୍ରଶାସନ ସମସ୍ତ ପଦକ୍ଷେପ ଗ୍ରହଣ କରୁଛି। ନିର୍ବାଚନ ସମୟରେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ମଙ୍ଗଳବାର ଦିନ ପୁରୁଣାକଟକ ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ଆଡେଣୀଗଡ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଆଇଆରବି ଯବାନ, ପୁରୁଣାକଟକ ଓ ଆଡେଣୀଗଡ ଫାଣ୍ଡି କର୍ମଚାରୀ ଫାଣ୍ଡି ଅନ୍ତର୍ଗତ ମାଧପୁର, ବାରିଙ୍ଗ, ବଦଳାସାହି, ଗୋଛାସାହି ଆଦି ସ୍ଥାନରେ ନିର୍ଭୟର ସହ ମତଦାନ କରିବାକୁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା।


ବଦଳାସାହିଠାରେ ଫ୍ଲାଗମାର୍ଚ୍ଚ କରାଯାଉଛି ।

# ଖୁଣ୍ଟିଗୋରା ପଞ୍ଚମ ରାତ୍ରିକାଳୀନ ଧମାକା ସାର୍କିଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଖୁଣ୍ଟିଗୋରା,୭ା୫(ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ସତସଙ୍ଗ ପଡିଆରେ ଖୁଣ୍ଟିଗୋରା କ୍ରିକେଟ କ୍ଲବ ପକ୍ଷରୁ ପଞ୍ଚମ ରାତ୍ରିକାଳୀନ ଧମାକା ସାର୍କିଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଛି । ଉଦ୍‌ଘାଟନୀ ମ୍ୟାଚ ଉଡ଼େର ଗାଁ ଏବଂ ବଘିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଉଡ଼େର ଗାଁ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା । ଖେଳରେ ଉଡ଼େର ଗାଁ ଦଳ ୬ ଓଭରରେ ୬୪ ରନ ସଂଗ୍ରହ କରିଥିଲା । ଜବାବରେ ବଘିଆ ଦଳ ୬ ଓଭରରେ ୨ ଉଇକେଟ ହରାଇ ୬୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଖେଳରେ ମୁଖ୍ୟଅତିଥି ଭାବେ ଖୁଣ୍ଟିଗୋରା ସରପଞ୍ଚ ସୁନିତା ମାଝି ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଘଣ୍ଟାପଡ଼ା ଥାନା ଏସଆଇ ମାଧବ ଚନ୍ଦ୍ର ଟାକ୍ରି, ଶିକ୍ଷାବିତ ସଂଘ ସଭାପତି ନୀଳାଞ୍ଚଳ ଭୋଇ, ଫିରିଙ୍ଗିଆ ଉପାଧ୍ୟକ୍ଷ ଅଜିତ ସାହୁ , ଶିକ୍ଷାବିତ୍ କାର୍ତ୍ତିକ ସୋର ବେହେରା, ମନୋଜ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଅନିଲ ସାହୁ ଓ ଟିକୁ ସାହୁ ଖେଳ ପରିଚାଳନା କରିଥିଲେ। ଲମ୍ବୋଦର ବେହେରା ସ୍କୋରର ଦାୟିତ୍ୱ ତୁଲାଇ ଥିଲେ। ସୁଶାନ୍ତ ବାରିକ ଓ ପବିତ୍ର ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ । ଖୁଣ୍ଟିଗୋରା କ୍ରିକେଟ କ୍ଲବ ପକ୍ଷରୁ ସମସ୍ତ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।


ମଞ୍ଚରେ ଅତିଥିବୃନ୍ଦ ।

# ବାଉଁଶୁଣୀ ପୋଲିସର ଫ୍ଲାଗ୍‌ମାର୍ଚ୍ଚ



ବାଉଁଶୁଣୀ,୭ା୫(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ପକ୍ଷରୁ ଆଗାମୀ ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ କରିବାକୁ ମଙ୍ଗଳବାର ସକାଳେ ବାଉଁଶୁଣୀ ଛକରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବାଉଁଶୁଣୀ ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା । ଆଇଆରବି ଯବାନ ଓ ବାଉଁଶୁଣୀ ପୋଲିସର ମିଳିତ ଉଦ୍ୟମରେ ହୋଇଥିବା ଫ୍ଲାଗମାର୍ଚ୍ଚରେ ଜନସାଧାରଣଙ୍କୁ ନିର୍ଭୟରେ ଓ ଶାନ୍ତିଶୃଙ୍ଖଳାର ସହ ଭୋଟ ଦେବାକୁ ସଚେତନ କରାଯାଇଥିଲା।

# ୧୬୦ କିଲୋ ଗଞ୍ଜେଇ ଜବତ: ଅଭିଯୁକ୍ତ ଫେରାର

ବୌଦ୍ଧ,୭ା୫(ଅଜିତ କୁମାର ବାରିକ)

ବୌଦ୍ଧ ପୋଲିସ ପକ୍ଷରୁ ୧୬୦ କିଲୋ ଗଞ୍ଜେଇ ଜବତ କରାଯାଇଥିବା ବେଳେ ଅଭିଯୁକ୍ତ ଫେରାର ହୋଇଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ ଥାନା ଅନ୍ତର୍ଗତ ଖଜୁରୀପଡା–ଝାଙ୍କରପଡା ରାସ୍ତା ଦେଇ ଗଞ୍ଜେଇ ଚାଲାଣ ହେଉଥିବା ନେଇ ମଙ୍ଗଳବାର ଦିନ ବୌଦ୍ଧ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଜଗି ରହି ଚଢାଉ କରିଥିଲା। ଚଢାଉ ସମୟରେ ରାସ୍ତା କଡରେ ରଖାଯାଇଥିବା ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଥିଲା । ପୋଲିସକୁ ଦେଖି ସେଠାରେ ଥିବା ଚେରା ବ୍ୟବସାୟୀ ଘଟଣାସ୍ଥଳରୁ ଫେରାର ମାରିଥିଲେ। ଜବତ ଗଞ୍ଜେଇକୁ ଓଜନ କରିବାରୁ ତାହା ୧୬୦ କିଲୋ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଦାଦନ ଖଟି ଯାଉଥିବା ବେଳେ ଶ୍ରମିକ ନିଖୋଜ

ଅମରପାଲି,୭ା୫(ପୀତାମ୍ବର ସାହୁ)

ତାମିଲନାଡୁକୁ ଦାଦନ ଖଟିବାକୁ ଯାଉଥିବା ବେଳେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟ ଉଫୁଲା ଗାଁର ସୁବ୍ରତ ଦଣ୍ଡସେନା (୨୮) ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ସେ ଟ୍ରେନରୁ ଖସି ପଡ଼ିଥିବା ତାଙ୍କ ସ୍ତ୍ରୀ ଓ ଶାଶୂ କହୁଥିବା ବେଳେ ଏଥିରେ ଦାଦନ ଦଲାଲଙ୍କ ଭୂମିକାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଅଭିଯୋଗ ଅନୁସାରେ, ସୁବ୍ରତ ଗତ ୨ ତାରିଖରେ ସ୍ତ୍ରୀ ରଞ୍ଜିତା, ଶାଶୂ କଳ୍ପନା ଓ ଏକ ଶିଶୁକୁ ଧରି ମଧ୍ୟସ୍ଥଙ୍କ ସହ ତାମିଲନାଡୁ ଯାଉଥିଲେ। ରଞ୍ଜିତା ଓ କଳ୍ପନାଙ୍କ କହିବା ଅନୁସାରେ, ୨ତାରିଖରେ ସେମାନେ ବଲାଙ୍ଗୀରରୁ ଟିଟିଲାଗଡ଼ ଦେଇ ଟ୍ରେନ ଯୋଗେ ତାମିଲନାଡୁ ଅଭିମୁଖେ ଯାଉଥିଲେ। ରାତି ପ୍ରାୟ ୮ଟା ବେଳେ ଦୁର୍ବାଦ ଷ୍ଟେଶନ ପରେ ସୁବ୍ରତ ଶୌଚାଳକକୁ ଯାଇଥିବା ବେଳେ ପ୍ରବଳ ଭିଡ଼ ଯୋଗୁ ଟ୍ରେନ ତଳକୁ ଖସିପଡ଼ିଥିଲେ। ଅନ୍ୟମାନଙ୍କଠାରୁ ଏହା ଶୁଣିବା ପରେ ଚେନ ଟାଣି ଟ୍ରେନ ଅଟକାଇବା ବେଳକୁ ପ୍ରାୟ ୮ କିଲୋମିଟର ଦୂରରେ ଅଟକିଥିଲା। ସେଠାରୁ ବହୁ ଖୋଜାଖୋଜି କଲା ପରେ ମଧ୍ୟ ସୁବ୍ରତଙ୍କ କୌଣସି ପତ୍ତା ମିଳି ନ ଥିଲା। ପରେ ଦାଦନ ଦଲାଲ କଳ୍ପନା ଓ ରଞ୍ଜିତାଙ୍କୁ ଉଫୁଲାରୁ ଏକ କିଲୋମିଟର ଦୂର କାନପୁର ଛକଠାରେ ଓହ୍ଲାଇ ଫେରି ଯାଇଥିଲେ। ଅନ୍ୟପଟେ ସୁବ୍ରତଙ୍କ ପରିବାର ଲୋକଙ୍କ କହିବା ହେଲା, ଦମ୍ପତିଙ୍କ ମଝିରେ ମଝିରେ କଳି ହେଉଥିଲା। ସୁବ୍ରତ ଜଣେ ଚାଲାକ ପିଲା, ଟ୍ରେନରୁ ଖସି ପଡ଼ିବା ସନ୍ଦେହଜନକ ବୋଲି କହିଛନ୍ତି। ସେମାନେ ଦଲାଲଙ୍କ ଘର ବିନିକା ଥାନା କୌଡ଼ିଆମୁଣ୍ଡାକୁ ସୋମବାର ଯାଇଥିଲେ ମଧ୍ୟ ତାଙ୍କର କୌଣସି ଖବର ପାଇ ନ ଥିବା ପ୍ରକାଶ କରିଛନ୍ତି। ଏନେଇ ନିଖୋଜ ଶ୍ରମିକଙ୍କ ବାପା କାଶୀନାଥ ଦଣ୍ଡସେନା ବୀରମହାରାଜପୁର ଥାନାରେ ଅଭିଯୋଗ କରିବାକୁ ଯାଇଥିଲେ ମଧ୍ୟ ଅଭିଯୋଗ ଦର୍ଜ ହୋଇ ନ ଥିବା ଥାନା ଅଧିକାରୀ ସୋଭକର ସେଠ ପ୍ରକାଶ କରିଛନ୍ତି। ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ନିରପେକ୍ଷ ତଦନ୍ତ କଲେ ଅସଲ କଥା ଜଣାପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।


ନିଖୋଜ ଶ୍ରମିକ ସୁବ୍ରତ ଦଣ୍ଡସେନା।

# ମାହେଶ୍ୱରୀ ସ୍ପୋର୍ଟିଂ ଗଣ୍ଡାବାହାଲ ଚାମ୍ପିୟନ

ଉଲୁଣ୍ଡା, ୭ ।୫(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ମିନି ଷ୍ଟାଡିୟମରେ ମଙ୍ଗଳବାର ସନ୍ଧ୍ୟାରେ ୮ତମ ଉଲୁଣ୍ଡା ପ୍ରିମିୟର ଲିଗ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ପାୱାର ରେଞ୍ଜର ଉଲୁଣ୍ଡାକୁ ହରାଇ ମା’ ମାହେଶ୍ୱରୀ ସ୍ପଷ୍ଟିଙ୍ଗ ଗଣ୍ଡାବାହାଲ ଚାମ୍ପିୟନ ହୋଇଛି। ପ୍ରଥେମେ ବ୍ୟାଟିଂ କରି ମାହେଶ୍ୱରୀ ସ୍ପୋର୍ଟିଂ ଗଣ୍ଡବାହାଲ ଦଳ ନିର୍ଦ୍ଧାରିତ ୮ଓଭରରେ ୯ଉଇକେଟ ହରାଇ ୧୦୨ ରନ କରିଥିଲା। ଜବାବରେ ପାୱାର ରେଞ୍ଜର ଉଲୁଣ୍ଡା ଦଳ ୭ଉଇକେଟ ହରାଇ ୫୦ରନ କରି ପରାଜିତ ହୋଇଥିଲା। ଖେଳକୁ ସୁଶାନ୍ତ କୁମାର ସେଠ ଏବଂ ଆର୍ତ୍ତତ୍ରାଣ ପଣ୍ଡା ପରିଚାଳନା କରିଥିଲେ। ପାର୍ଥ ସାରଥୀ ଦାସ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ହିମାଂଶୁ ପଧାନ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## ଉଲୁଣ୍ଡା ପ୍ରିମିୟର ଲିଗ୍

ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ସାମାଜିକ କର୍ମୀ କୃତ୍ତିବାସ ମିଶ୍ର, ପଞ୍ଚମହଲା ସରପଞ୍ଚ ଅଶୋକ ପଣ୍ଡା, ପ୍ରତାପ ଶତପଥୀ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

# ମାରୱାଡି ଯୁବାମଞ୍ଚ ପକ୍ଷରୁ ଅମୃତ ଧାରା ଲୋକାର୍ପଣ

ଡୁଙ୍ଗୁରିପାଲି, ୭ା୫(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମ୍‌ସି ପରିସରରେ ମଙ୍ଗଳବାର ଡୁଙ୍ଗୁରିପାଲି ମାରୱାଡି ଯୁବାମଞ୍ଚ ପକ୍ଷରୁ ଅମୃତ ଧାରା ଥଣ୍ଡା ପାନୀୟ ଜଳ ଲୋକାର୍ପଣ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡିଶା ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚ ସଭାପତି ପରାଗ ଅଗ୍ରୱାଲ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଆରଏମସି ସଭାଗୃହରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଡୁଙ୍ଗୁରିପାଲି ମାରୱାଡି ଯୁବା ମଞ୍ଚ ସଭାପତି ଯୁଗେଶ ଅଗ୍ରୱାଲଙ୍କ ସଭାପତିତ୍ୱ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରାଜ୍ୟ ସଭାପତି ପରାଗ ଅଗ୍ରୱାଲଙ୍କ ସହ ସମ୍ମାନୀତ ଅତିଥିଭାବେ ଉତ୍କଳ ପ୍ରାନ୍ତି ମାରୱାଡି ସମ୍ମିଳନ ସଭାପତି ବଜରଙ୍ଗ ଲାଲ ଅଗ୍ରୱାଲ, ରାଜ୍ୟସ୍ତରୀୟ ମାରୱାଡି ଯୁବାମଞ୍ଚ ଉପସଭାପତି ରାକେଶ ଅଗ୍ରୱାଲ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ନାଏକ, ଆରଏମସି ଭାରପ୍ରାପ୍ତ ସମ୍ପାଦକ ଉଦିତ କୁମାର ବାବୁ ମଞ୍ଚାସୀନ ଥିଲେ। ମାରୱାଡି ଯୁବାମଞ୍ଚ ଦ୍ୱାରା ଉଦ୍‌ଘାଟନ କରାଯାଇଥିବା ଅମୃତ ଧାରାର ଉଦେଶ୍ୟ ଓ ଯୁବାମଞ୍ଚର ବିଭିନ୍ନ ଜନହିତକର କାର୍ଯ୍ୟ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସମାଜ ସେବୀ ଗୋପାଳ ବାରିକ ଓ ବିପ୍ରଚରଣ ସାହୁ ଉପସ୍ଥିତ ଥିଲେ। ଯୁବାମଞ୍ଚ ସଭାପତି ଯୁଗେଶ ଅଗ୍ରୱାଲ, ସମ୍ପାଦକ ସଂକେତ ମିତ୍ତଲ, ଉପସଭାପତି ଦିନେଶ ଅଗ୍ରୱାଲ, କୋଷାଧକ୍ଷ ପିୟୁଷ ଅଗ୍ରୱାଲ, ମୁକେଶ ଅଗ୍ରୱାଲ, ପ୍ରଦୀପ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।



ଅମୃତ ଧାରା ଲୋକାର୍ପଣ ଉତ୍ସବରେ ଅତିଥି ବୃନ୍ଦ।

# ଖର୍ଚ୍ଚ ପରିଚାଳନାକୁ ତ୍ରୁଟିଶୂନ୍ୟ, ନିରପେକ୍ଷ କରିବାକୁ ଗୁରୁତ୍ୱ

## ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ବୈଠକ

ସୋନପୁର,୭ା୫(ମୃତ୍ୟୁଞ୍ଜୟ ଶତପଥୀ)

ଆସନ୍ତା ସାଧାରଣ ନିର୍ବାଚନରେ ସୋନପୁର ଓ ବୀରମହରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ହୋଇଥିବା କିମ୍ବା ସେମାନଙ୍କ ଏଜେଣ୍ଟ ଓ ପୋଲିଂ ଏଜେଣ୍ଟମାନଙ୍କୁ ନେଇ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୋଦ ପି ଶାହକର ମଙ୍ଗଳବାର ବୈଠକ କରିଛନ୍ତି। ନିର୍ବାଚନ ସଂକ୍ରାନ୍ତୀୟ ଖର୍ଚ୍ଚ ପରିଚାଳନା ବିଧି ବ୍ୟବସ୍ଥା ସମ୍ବନ୍ଧରେ ଅବଗତ କରାଇବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶାହକରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭାରତୀୟ ନିର୍ବାଚନ ଆୟୁକ୍ତଙ୍କ ଗାଇଡଲାଇନକୁ କଡାକଡି ଭାବେ ପାଳନ ପୂର୍ବକ ଜିଲାରେ ତ୍ରୁଟିଶୂନ୍ୟ ତଥା ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ପ୍ରାର୍ଥୀ ଓ ପ୍ରତିନିଧିମାନଙ୍କୁ ସେମାନଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରିବା ସହିତ ପ୍ରାର୍ଥୀ ପ୍ରାର୍ଥୀନୀଙ୍କ ଖର୍ଚ୍ଚ ପରିଚାଳନା ନିମନ୍ତେ ଥିବା ସମସ୍ତ ଗାଇଡ଼ ଲାଇନକୁ ପୂର୍ଣ୍ଣମାତ୍ରାରେ ପାଳନ କରିବାକୁ କହିଥିଲେ। ନିର୍ବାଚନ ସମନ୍ଧିତ କୌଣସି ଅଭିଯୋଗ ପାଇଁ ସି ଭିଜିଲେ ଅପଲୋଡ କରିବା, ସହ ଦେୟ ମୁକ୍ତଫୋନ ନଂ ୧୯୫୦ ଅଥବା ଜିଲା ପ୍ରଶାସନର ଅଭିଯୋଗ ପଞ୍ଜିକୃତ ନଂ ୦୬୬୫୪ – ୨୨୦୩୬୩ରେ ଆପତ୍ତି ଅଭିଯୋଗ କରିପାରିବେ ବୋଲି ସୂଚନା ଦେଇଥିଲେ । ସେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କ ନିର୍ବାଚନ ଖର୍ଚ୍ଚ ପରିଚାଳନା ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ରଖିଥିଲେ। ପରେ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ଅଧିକାରୀ, ନୋଡାଲ ଅଧିକାରୀ, ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନିର୍ବାଚନ ଖର୍ଚ୍ଚ ପରିଚାଳନା ନେଇ ଆବଶ୍ୟକ ତଥା ଗୁରୁତ୍ୱପୂର୍ଣ୍ଣ ଉପଦେଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝୀ, ଅଞ୍ଜଳିନା ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ତଥା ରିଟର୍ନିଂ ଅଧିକାରୀ ଲଲାଟେନ୍ଦୁ ସିଙ୍ଘ ସହ ନିର୍ବାଚନ ଦାୟିତ୍ୱରେ ଥିବା ସମସ୍ତ ନୋଡାଲ ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଓ ଅଧିକାରୀମାନେ।

## ସଂକ୍ଷେପରେ

### ମଇଦାନରେ ୬ ପ୍ରତିଦ୍ୱନ୍ଦ୍ୱୀ

ରାଜଗାଙ୍ଗପୁର,୭।୫(ଅଶୋକ ପାଣି): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଚଳିତବର୍ଷ ୬ ପ୍ରାର୍ଥୀ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିର ଅନିଲ ବରୁଆ, କଂଗ୍ରେସର ଡ. ସିଏସ୍ ରାଜନ ଏକ୍କା, ଭାଜପାର ନରସିଂହ ମିଞ୍ଜ ରହିଥିବା ବେଳେ, ଏସ୍ୟୁସିଆଇ କମ୍ୟୁନିଷ୍ଟ ପାର୍ଟିର ଲେଓନି ତିର୍କୀ, ନ୍ୟାଶନାଲ ଅପନି ପାର୍ଟିର ରୋଶନ ଏକ୍କା ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜଗାଙ୍ଗପୁରର ପୂର୍ବତନ କଂଗ୍ରେସ ବିଧାୟକ ଗ୍ରେଗୋରି ମିଞ୍ଜ ରହିଛନ୍ତି।

### ଅଂଶୁଘାତଜନିତ ସଚେତନତା ଶିବିର

ରାଉରକେଲା,୭।୫(ଦିନେଶ ମିଶ୍ର): ବାସନ୍ତୀ କଲୋନୀସ୍ଥିତ ଝରଣା ବସ୍ତିରେ ଜଗତ୍‌ଜନନୀ ଏସ୍‌ଏଜି ଗ୍ରୁପ ପକ୍ଷରୁ ଅଂଶୁଘାତ ଜନିତ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏଚ୍‌ଜି ଗ୍ରୁପର ମହିଳା ସଭାପତି ଦଶମି ଏକ୍କାଙ୍କ ସଭାପତିତ୍ୱରେ ଏହି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ସ୍ଥାନୀୟ ବସ୍ତିରେ ୭୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇଥିଲେ। ଶିବିରକୁ ଡା. ଏସ୍.କେ. ବିଶ୍ୱାସ ପରିଚାଳନା କରିଥିଲେ। ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଅଧିକ ମାତ୍ରାରେ ପାଣି ପିଇବା ଓ ଦେହ, ହାତ ଘୋଳା ବିନ୍ଧାହେଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଡ. ବିଶ୍ୱାସ କହିଥିଲେ। ଅଂଶୁଘାତଜନିତ ରୋଗରୁ କିଭଳି ମୁକ୍ତିପାଇବା ଓ ତା'ର ମୁକାବିଲା କରିବା ପାଇଁ ଶିବିରରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ବସ୍ତିବାସୀଙ୍କୁ ପ୍ରଦର୍ଶନ କରାଯାଇଥିଲା। ପରେ ଗ୍ରୁପ ପକ୍ଷରୁ ସମସ୍ତଙ୍କୁ ମାଗଣାରେ ଓଆର୍‌ଏସ୍ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁଷମା ରାଉତ, ଲତିକା ଟପ୍ପୋ, ବାସନ୍ତୀ ଝା, ପଦ୍ମାବତୀ ବେହେରା, ଫୁଲମଣି ବାଡା, ସ୍ମିତା ରାଉତ, ଲିଲିମା ଟେଟେ, ରାନୁପ୍ରଭା ତନ୍ତୀ, ପଦ୍ମା ରାଉତ, କୌଶଲ୍ୟା ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

### ବିଜେଡି ପ୍ରାର୍ଥୀ ସାରଦାଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୭।୫ (ଦିନେଶ ମିଶ୍ର): ରାଉରକେଲା ନାଲାରୋଡ ସ୍ଥିତ କୁରେସି ମହଲା ମହରମ କମିଟି ପକ୍ଷରୁ ବିଜେଡି ପ୍ରାର୍ଥୀ ତଥା ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପ୍ଲାଣ୍ଟସାଇଟ୍ ସ୍ଥିତ ଇନ୍ଦିରା ଗାନ୍ଧୀ ଛକରୁ ଶତାଧିକ କର୍ମୀଙ୍କ ଉପସ୍ଥିତିରେ ବିରାଟ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ନାଲାରୋଡର ବହୁ ବୁଦ୍ଧିଜୀବୀ, ଯୁବକ ଓ ମହିଳା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ବରିଷ୍ଠ କର୍ମୀ ବିଲାଲ ଆହାମଦ, ବିରେନ ସେନାପତି, ଧନୱର କୁରେସୀ, ନରେଶ ଅଗ୍ରୱାଲ, ସୁରେଶ ଶର୍ମା, ସୁଦାମ ଦାଶ, କୃଷ୍ଣାଦୃତ ବସିର, ଏମ୍‌ଡି ସାହେବ ଖାନ, ଏମ୍‌ଡି ଫିରୋଜ ଉବୁଙ୍କ ନେତୃତ୍ୱରେ ଲାଇନ୍ସ କ୍ଲବ ସଦସ୍ୟ ଦଳରେ ସାମିଲ ହୋଇଥିଲେ। ଚଳିତ ନିର୍ବାଚନରେ କିଭଳି ଦଳପାଇଁ କାର୍ଯ୍ୟ କରିବେ ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗୁଡୁ ସୁନାକର, ସମସେର ଅଲ୍ଲୀ, ମହମ୍ମଦ ସମ୍ମିମ, ନାସୀର କୁରେସୀ, ଏମଡିଇରଫାନ, ପ୍ରସାଦ ସେନାପତି, ପ୍ରଣୟ ନାୟକ, ଜଗା ରାଉତ ପ୍ରମୁଖ ସହଯୋଗ କରିଥିଲେ।




ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗ୍ରହଣରେ ବାଳିକାମାନେ।

# ବାଳିକାମାନେ ବିକଶିତ ସମାଜର ମୂଳଦୁଆ

**ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ବାଳିକା ସଶକ୍ତୀକରଣ ଅଭିଯାନ**

ସୁନ୍ଦରଗଡ,୭।୫(ଜୟ ନାରାୟଣ ମେଣ୍ଡୁଲି)

ଏନଟିପିସି ଦର୍ଲିପାଲି ପକ୍ଷରୁ ଏକ ମାସ ବ୍ୟାପୀ ଆବାସିକ ବାଳିକା ସଶକ୍ତିକରଣ ମିଶନ କର୍ମଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରକଳ୍ପ ପ୍ରମୁଖ ଏଚଏନ ଚକ୍ରବର୍ତ୍ତୀ ଓ ଅଭିଲାଷା ଲେଡିଜ କ୍ଲବର ଅଧ୍ୟକ୍ଷା ମଧୁମିତା ଚକ୍ରବର୍ତ୍ତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଗ୍ରାମର ସରପଞ୍ଚ, ଶିକ୍ଷକ ଓ ଅଭିଭାବକମାନେ ଯୋଗଦେଇଥିଲେ। ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀ ମିଶ୍ର ତାଙ୍କ ଅଭିଭାଷଣରେ ବାଳିକା ସଶକ୍ତିକରଣ ମିଶନ କର୍ମଶାଳା ହେଉଛି ଏନଟିପିସିର ଏକ ନିଆରା ପଦକ୍ଷେପ। ଯାହା ଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇଥାଏ ଏବଂ ସେମାନଙ୍କୁ ଏକାଧିକ ଦକ୍ଷତା ସହିତ ସଶକ୍ତ କରିଥାଏ ବୋଲି ସେ କହିଥିଲେ। ଚିଚିଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟେଲ ଆଖପାଖ ଗାଁର ବାଳିକାଙ୍କୁ ଏକା ଆଦର୍ଶ ପ୍ଲାଟଫର୍ମ ଯୋଗାଇ ଦେଇଥିବାରୁ ଏନଟିପିସି ପ୍ରତି କୃତଜ୍ଞତା ଜଣାଇଥିଲେ। ମୁଖ୍ୟ ଅତିଥି ଚକ୍ରବର୍ତ୍ତୀ ଅଭିଭାଷଣରେ ଏହି କାର୍ଯ୍ୟକ୍ରମ ଉପରେ ତାଙ୍କର ମୂଲ୍ୟବାନ ମତ ଦେଇ କହିଥିଲେ, ପ୍ରତିବର୍ଷ ବାଳିକାମାନେ ଏଠାକୁ ଆସି ଦକ୍ଷତା ବୃଦ୍ଧି ପାଇଁ ଏକ ସୁନ୍ଦର ପ୍ଲାଟଫର୍ମ ପାଇଥାନ୍ତି। ସଶକ୍ତ ବାଳିକାମାନେ ଏକ ବିକଶିତ ସମାଜର ମୂଳଦୁଆ ବୋଲି କହିଥିଲେ। ଆସନ୍ତା ଏକ ମାସ ମଧ୍ୟରେ ଏହି କର୍ମଶାଳାରେ ଭାଗ ନେଇଥିବା ବାଳିକାଙ୍କୁ ନୂତନ ଶିକ୍ଷା ଓ ପ୍ରତିଦିନ ଦକ୍ଷତା ବିକାଶ ସହିତ ସମୃଦ୍ଧ କରିବା ପାଇଁ ବିଭିନ୍ନ ଶିକ୍ଷାଗତ ଅଧିବେଶନ ଯୋଜନା କରାଯାଇଛି।

## କୁଆଁରମୁଣ୍ଡାରେ କାଳବୈଶାଖୀ

କୁଆଁରମୁଣ୍ଡା,୭।୫(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରେ କାଳ ବୈଶାଖୀ ଯୋଗୁ ବହୁ ଜୋରରେ ଧୂଳି ଝଡ଼ ହୋଇଥିଲା। ଫଳରେ ସ୍ଥାନୀୟ କଳକାରଖାନାର ବିଷାକ୍ତ କଳା ପାଉଁଶ ଉଡ଼ି ଲୋକଙ୍କ ଘର ଭିତରେ ପଶିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହା ସହ ଅନେକ ସ୍ଥାନରେ ଗଛ ଡାଳ ପଡ଼ି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଥିବାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ରାତି ୮ଟାରେ କୁଆଁରମୁଣ୍ଡାର ବ୍ଲକ କଲୋନୀ ସମେତ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ହୋଇଥିବା ବେଳେ ଆହୁରି ଅନେକ ଅଞ୍ଚଳ ଅନ୍ଧାର ଭିତରେ ରହିଛି।

## ବିଜେଡିରେ ମିଶିଲେ ମହିଳା



ବନ୍ଧମୁଣ୍ଡା,୭।୫(ସୁବ୍ରତ ଦେ)

ବନ୍ଧମୁଣ୍ଡା ଅଞ୍ଚଳର ଶତାଧିକ ମହିଳା ବିଜେଡିରେ ଯୋଗ ଦେଇଛନ୍ତି। ବନ୍ଧମୁଣ୍ଡା ରେଳବାଇ ହସ୍ପିଟାଲ ସମ୍ମୁଖରେ ଥିବା ଆରପିଏଫ ବ୍ୟାରେକ ଶିବ ମନ୍ଦିର ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ମହିଳାମାନେ ବିଜେଡିରେ ସାମିଲ ହୋଇଛନ୍ତି। ରାଉରକେଲାର ବିଜେଡି ମହିଳା ନେତ୍ରୀ ସନ୍ଧ୍ୟା ଲାକ୍ରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଦଳରେ ସାମିଲ ଦେଇଥିବା ମହିଳାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସାମାଜିକ କର୍ମୀ ପୁଣମ ଦେବୀ, ସୋନାଲି ମାଝି ଏବଂ ଟି ଅମିତାଙ୍କ ନେତୃତ୍ୱରେ ମହିଳାମାନେ ମହିଳା ଶକ୍ତିର ସୁରକ୍ଷା ପାଇଁ ବିଜେଡିରେ ଯୋଗଦେବାକୁ ନିଷ୍ପତ୍ତି ନେଇଛି ବୋଲି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ମହିଳା ଶାରଦା ପ୍ରସାଦ ନାୟକଙ୍କୁ ବିପୁଳ ଭୋଟ ଦେଇ ଜୟ ଯୁକ୍ତ କରିବା ପାଇଁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ପିଙ୍କୁ ଜାଇସୱାଲ, ସୁପ୍ରିୟା ତନ୍ତୀ, ମାନସୀ ସରକାର, ଡି ଅଭିକ କୁମାର, ଚନ୍ଦନ ତରାଇ, ଶିବୁ, ରାଜୁ ପ୍ରସାଦ,ରିଶଭ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ତୈଳିକ ବୈଶ୍ୟ ସମାଜର ମହାସଭା, ନୂତନ କମିଟି ଗଠନ




ସଭାରେ ମଞ୍ଚାସୀନ ଅତିଥିମାନେ।

ବଡ଼ଗାଁ,୭।୫(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଇତମା ଗ୍ରାମର ନନ୍ଦନକାନନ ବଗିଚାରେ ମଙ୍ଗଳବାର ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜର ଏକାଦଶତମ ଦ୍ୱିଦବସୀୟ ମହାସଭା ଆୟୋଜିତ ହୋଇଛି। ଅନୁଷ୍ଠିତ ମହାସଭାରେ ଗାଙ୍ଗପୁର, ବାମଣ୍ଡା, ଜୟପୁର ଓ ବଣେଇଁ ଅଞ୍ଚଳରୁ ୨୩ଟି ଗ୍ରାମ୍ୟ କମିଟି ସଭାପତି, ସମ୍ପାଦକଙ୍କ ସହିତ ସାମାଜିକ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ସମାଜର କେନ୍ଦ୍ରୀୟ ସଭାପତି ଧନୁର୍ଜୟ ବେହେରା ସାମାଜିକ ପତାକା ଉତ୍ତୋଳନ କରିଥିଲେ। ଏହାପରେ ବରିଷ୍ଠ କଳାକାର ପୁଲିନ ରାଉତରାୟଙ୍କ ନିର୍ଦ୍ଦେଶନାରେ ଇତମା ଗ୍ରାମର ବାଳିକାମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସମାଜର କେନ୍ଦ୍ରୀୟ ସମ୍ପାଦକ ଜୟକୃଷ୍ଣ ସାହୁ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ମହାସଭା ପରିଚାଳନା କମିଟି ସଭାପତି ଧନୁର୍ଜୟ ବେହେରା, ସହ ସଂପାଦକ ପିତାମ୍ବର ବେହେରା, ହିରାଧନ ବେହେରା, ଆଇନ ପରାମର୍ଶଦାତା ଲାବିନ୍ଦ୍ର ବେହେରା, ଉପଦେଷ୍ଟା ଲବଣୀଧର ଦାନୀ, ଫକୀର ମୋହନ ପୃଷେଟ ମଞ୍ଚାସୀନ ଥିଲେ। ସାମାଜିକ ପତାକା ଉତ୍ତୋଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କେନ୍ଦ୍ରୀୟ ସଭାପତି ଧନୁର୍ଯ୍ୟୟ ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଭାର ଉଦ୍ଦେଶ୍ୟ ଉପରେ କେନ୍ଦ୍ରୀୟ ସମ୍ପାଦକ ଜୟକୃଷ୍ଣ ସାହୁ ବକ୍ତବ୍ୟ ରଖିଥିଲେ। ଏହାପରେ ୪ ଟି ଗ୍ରୁପ ପାଇଁ ନୂତନ ସଭାପତି, ଉପ ସଭାପତି, ସାଧାରଣ ସମ୍ପାଦକ, ସହ ସମ୍ପାଦକ, କୋଷାଧ୍ୟକ୍ଷ ଓ କେନ୍ଦ୍ର ଶିକ୍ଷା କମିଟି ଅଧ୍ୟକ୍ଷ ନିର୍ବାଚନ ଓ ନୂତନ କମିଟି ଗଠନ କରାଯାଇଥିଲା। ୪ଟି ଗ୍ରୁପର କେନ୍ଦ୍ର ସଭାପତି ଭାବେ ନରେନ୍ଦ୍ର ବେହେରା, କେନ୍ଦ୍ର ଉପ ସଭାପତି ଜମାଦାର ସା, ସାଧାରଣ ସମ୍ପାଦକ ବସନ୍ତ କୁମାର ସାହୁ, ସହ ସମ୍ପାଦକ କଲ୍ୟାଣ ବେହେରା, କୋଷାଧ୍ୟକ୍ଷ ହିରାଧନ ବେହେରା, କେନ୍ଦ୍ର ଶିକ୍ଷା କମିଟି ଅଧ୍ୟକ୍ଷ ଲୋକନାଥ ସାହୁ ନିର୍ବାଚିତ ହୋଇଥିଲେ। ଏହା ବ୍ୟତୀତ ଗାଙ୍ଗପୁର ଉପକେନ୍ଦ୍ରର ଉପ ସଭାପତିଭାବେ ହରି ଶଙ୍କର ବେହେରା, ବାମଣ୍ଡା ଉପ କେନ୍ଦ୍ରର ଉପ ସଭାପତି ଲିଙ୍ଗରାଜ ସାହୁ, ଜୟପୁର ଉପକେନ୍ଦ୍ରର ଉପ ସଭାପତି ଭୋପାଳ ଚନ୍ଦ୍ର ବେହେରା ଓ ବଣାଇଁ ଉପକେନ୍ଦ୍ରର ଉପ ସଭାପତି ପ୍ରଫୁଲ୍ଲ କୁମାର ସାହୁ ନିର୍ବାଚିତ ହୋଇଥିଲେ। ଅପରାହ୍ନରେ ନୂତନ ସଭାପତିଙ୍କ ଅଭିଭାଷଣ , କେନ୍ଦ୍ର ସମ୍ପାଦକଙ୍କ ଦ୍ୱାରା ବିବରଣୀ ପାଠ , ଶିକ୍ଷା କମିଟି ସମ୍ବନ୍ଧୀୟ ଆଲୋଚନା, ମେଧାବୃତ୍ତି ପ୍ରଦାନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ନୃତ୍ୟ ପ୍ରତିଯୋଗିତା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। ବୁଧବାର ବିଭିନ୍ନ କାର୍ଯ୍ୟକ୍ରମ ପରେ ସଭା ଉଦ୍‌ଯାପିତ ହେବ।

## ନିର୍ବାହୀ ଅଧିକାରୀଙ୍କୁ ଘେରିଲେ ସୁଇପର ସଂଘ

ବ୍ରଜରାଜନଗର,୭।୫(ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳରେ ଠିକା କର୍ମଚାରୀଙ୍କ ଦୁର୍ଦ୍ଦଶା ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳ ସ୍ୱରୂପ ଶତାଧିକ ସୁଇପର କର୍ମଚାରୀ ମଙ୍ଗଳବାର ସକାଳେ ପୌର କାର୍ଯ୍ୟାଳୟ ସମ୍ମୁଖରେ ୨ ଘଣ୍ଟା ଧାରଣା ଦେଇଥିଲେ। ରାଜ୍ୟ ସରକାରଙ୍କ ନିୟମ ଅନୁଯାଇ ଦୈନିକ ମଜୁରି ୪୫୦ଟଙ୍କା ଦିଆଯାଉଛି। ବର୍ତ୍ତମାନ ପୌର କର୍ତ୍ତୃପକ୍ଷ ମଜୁରି ବାବଦରେ ୩୫୨ ଟଙ୍କା ଦିଆଯାଉଛି। ସୁଇପର କର୍ମଚାରୀଙ୍କ ବର୍ଦ୍ଧିତ ଦରମା ଦେବା ଓ ପ୍ରତ୍ୟେକ ମାସ ୧୦ ତାରିଖରେ ଦରମା ପ୍ରଦାନ କରିବାକୁ ଦାବି କରିଥିଲେ। ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ଭେଟି ସୁଇପରମାନେ ଆଲୋଚନା କରିଥିଲେ। ବର୍ଦ୍ଧିତ ଦରମା ନିର୍ବାଚନ ସରିବା ପରେ ଦିଆଯିବ ଓ ମାସିକ ଦରମା ପ୍ରତ୍ୟେକ ମାସ ୧୦ ତାରିଖରେ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବ୍ରଜରାଜନଗରରେ ପୋଲିସର ଫ୍ଲାଗମାର୍ଚ୍ଚ

ବ୍ରଜରାଜନଗର,୭।୫(ବିଜୟ ବରାଡ଼)

ବ୍ରଜରାଜନଗର ପୋଲିସ ପକ୍ଷରୁ ସହରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ମଙ୍ଗଳବାର ସକାଳ ୮ଟାରେ ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ କରାଯାଇଥିଲା। ସ୍ଥାନୀୟ ଏସଡିପିଓ ଚୀନ୍ତାମଣି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ରାସ୍ତାରେ ଯାଉଥିବା ଭୋଟରମାନେ ନିର୍ଭୟରେ ମତ ସାବ୍ୟସ୍ତ କରିବାକୁ ପୋଲିସ ସଚେତନ କରିଥିଲା।

# ସୁମୁରାରେ କୁସୁମଙ୍କ ନିର୍ବାଚନୀ ସଭା



ସୁମୁରାରେ ବିଧାୟିକା ପ୍ରାର୍ଥୀ କୁସୁମ ନିର୍ବାଚନୀ ପ୍ରଚାର କରୁଛନ୍ତି।

ସୁନ୍ଦରଗଡ଼,୭।୫(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହେମଗିର ବ୍ଲକ ସୁମୁରା ପଞ୍ଚାୟତର ଡିଉରିଆ, ନୂଆପଡା, ସାନରାମ୍ପିଆ, ଗଞ୍ଜେଇବୁଡ଼, ସୁମରା, କଲେତପାନୀ ଠାରେ ବିଧାୟିକା ତଥା ଭାଜପା ପ୍ରାର୍ଥୀନୀ କୁସୁମ ଟେଟେ ମଙ୍ଗଳବାର ମାରାଥନ ନିର୍ବାଚନ ପ୍ରଚାର କରିଛନ୍ତି। ପ୍ରତ୍ୟେକ ଗ୍ରାମରେ ଗୋଷ୍ଠୀ କେନ୍ଦ୍ର, ଖୋଲାମଣ୍ଡପ, ହାଇମାଷ୍ଟ ଲାଇଟ, ପିଇବା ପାଣି, ଅନେକ କଚ୍ଚା ରାସ୍ତାକୁ ପିଚୁରେ ରୂପାନ୍ତିକରଣ ସହ ଯଦି ସେ ବିଜୟୀ ହୁଅନ୍ତି ବାକି ରହିଥିବା ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସୁନ୍ଦରଗଡ଼ର ବିକାଶ କ୍ଷେତ୍ରରେ ଯାହା ଆବଶ୍ୟକ ତାକୁ ପ୍ରଥମେ ଅଗ୍ରାଧିକାର ଦେଇ ପ୍ରଥମ ବର୍ଷରେ ହିଁ ପୂରଣ କରିବେ ବୋଲି କହି ଏହା କୁସୁମ ଗ୍ୟାରେଣ୍ଟି ବୋଲି କହିଥିଲେ।

## ସାଲେପାଲିରେ କଂଗ୍ରେସ କର୍ମୀ ସମାବେଶ



ସୁନ୍ଦରଗଡ,୭।୫(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସଦର ବ୍ଲକ ସାଲେପାଲିଠାରେ ମଙ୍ଗଳବାର କଂଗ୍ରେସର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପାଲି, ବିରବିରା, ଲହଣ୍ଡାବୁଡର ଶତାଧିକ କର୍ମୀ ଯୋଗଦେଇଥିଲେ। ଏହି ସଭାକୁ ପୂର୍ଣ୍ଣ ପଟେଲ ପରିଚାଳନା କରିଥିଲେ। ଜିଲା ପ୍ରଚାର କମିଟି ଅଧ୍ୟକ୍ଷେ ରାଜକିଶୋର ଷଡଙ୍ଗୀ, ପ୍ରଦେଶ ଇସ୍ତାହାର କମିଟି ସଦସ୍ୟ ବେଣୁମାଧବ ତ୍ରିପାଠୀ ଯୋଗଦେଇ ଗତ୨୪ ବର୍ଷର ରାଜ୍ୟ ସରକାର ଓ ୧୦ବର୍ଷର କେନ୍ଦ୍ରସରକାର ଦେଇଥିବା ମିଛ ପ୍ରତିଶ୍ରୁତି ଦ୍ୱାରା ଲୋକେ କିଭଳି ପ୍ରତାରିତ ହୋଇଛନ୍ତି ସେ ଉପରେ ଆଲୋକପାତ କରିଥିଲେ। ଏହି ସଭାରେ ଦୁର୍ଗା ନାଏକ, ବରିଷ୍ଠ ସଭ୍ୟ ଭଜମନ ପଶାୟତ,ତରୁଣ ସାହୁ,କାରଲୁସ ଗୁଡିଆ, ଶଶୀ ପଧାନ, ବନମାଳୀ ପାନା, ଲଳିନ୍ଦ୍ର ସା ତଥା ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଶେଷରେ ଜିତେନ୍ଦ୍ର ପାତ୍ର ଧନ୍ୟାବାଦ ଅର୍ପଣ କରିଥିଲେ।

# ଭାଜପା ଆଣିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା

**ଝାରସୁଗୁଡ଼ା ବିଜେଡିର ଖବରଦାତା ସମ୍ମିଳନୀ**

ଝାରସୁଗୁଡ଼ା,୭।୫(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହରସ୍ଥିତ ଏକ ଘରୋଇ ହୋଟେଲଠାରେ ଜିଲା ବିଜୁ ଜନତା ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ଝାରସୁଗୁଡା ବିଧାନସଭା ପ୍ରାର୍ଥିନୀ ସୁଶ୍ରୀ ଦୀପାଲି ଦାସଙ୍କ ସହ ସବିତା ଅଗ୍ରୱାଲ ସମିତି ସଭ୍ୟ ସୁଲାହି, କୃଷ୍ଣଚନ୍ଦ୍ର ପ୍ରଧାନ ସମିତି ସଭ୍ୟ ଗଉଡ ପାନପାଲି, ବାସନ୍ତି ଧୂରୁଆ କିର୍ମିରା ସମିତି ସଭ୍ୟ, ଗୋଲାପି ଗର୍ଡିଆ ଅର୍ଡ଼ା ସମିତି ସଭ୍ୟ, ସିଦ୍ଧାର୍ଥ ଖର୍ସେଲ ଭିମଯୋର ସମିତି ସଭ୍ୟ, ତପି ମରେଇ, ବୀଣାପାଣି ପୋଡ଼, ପ୍ରିୟଦର୍ଶନୀ ଘୁଘର, ମନ ବାଗ, ଆଶା ସିହ୍ନା, ସଙ୍ଗୀତା ପଟେଲ, ରାଧାରାଣୀ ସା ପ୍ରମୁଖ ସରପଞ୍ଚ ଉପସ୍ଥିତ ରହି ମନ୍ତବ୍ୟ ରଖିଥିଲେ। ଗତ ସୋମବାର ଝାରସୁଗୁଡା ଜିଲାର ଜଣେ ରାଜନୈତିଜ୍ଞ ବ୍ୟକ୍ତି ତାଙ୍କ କିଛି ସହଯୋଗୀଙ୍କ ସହ ଭାଜପାରେ ସାମିଲ ହୋଇଥିଲେ। ସାମିଲ ହେବା ପୂର୍ବରୁ ସେ ବିଜେଡି ଉପରେ ଏକ ଅଭିଯୋଗ କରିଥିଲେ। ସେ ନିଜେ ଏଂ ତାଙ୍କ ସ୍ତ୍ରୀ ବ୍ଲକ ଅଧ୍ୟକ୍ଷ ଓ ଅଧ୍ୟକ୍ଷା ଭାବେ କାମ ତୁଲେଇ ସାରିଛନ୍ତି। କିନ୍ତୁ ବିଡମ୍ବନାର ବିଷୟ ଯେ ବିଜେଡି ଛାଡିବା କିଛି ଅନ୍ତରାଳ ପରେ ବିଜୁ ଜନତା ଦଳ ବିରୋଧି ମନ୍ତବ୍ୟ ପ୍ରଦାନ କରିଛନ୍ତି। ସେ କହିଥିଲେ ବିଜେଡି ଦଳର ସକ୍ରିୟ ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ଅଧ୍ୟକ୍ଷ ସମସ୍ତଙ୍କୁ ଦଳର ଉଚ୍ଚ ନେତୃବର୍ଗ ଧମକ ଚମକ ଦେଇ ଜୋରଜବରଦସ୍ତ ଦଳୀୟ କର୍ମୀ ରୁପେ ବାନ୍ଧି ରଖିଛନ୍ତି। ଦଳ ବିଗତ କିଛି ବର୍ଷରୁ ଅଞ୍ଚଳର ବିକାଶ ମୂଳକ କାର୍ଯ୍ୟ ନ କରି ଲୋକଙ୍କୁ ଭୂଆଁ ବୁଲାଉଛନ୍ତି। ଏପରି ଲଜ୍ଜା ଜନକ ମନ୍ତବ୍ୟ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଅଟେ ବୋଲି ଖବରଦାତା ସମ୍ମିଳନୀରେ ଉପସ୍ଥିତ ସମସ୍ତ ପଦାଧିକାରୀ କହିଛନ୍ତି। ଗତ ଦିନରେ ବିଜୁ ପରିବାରର ସ୍ୱର୍ଗୀୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ତାଙ୍କ ପରେ ଏବେ ବିଧାୟିକା ସୁଶ୍ରୀ ଦୀପାଲି ଦାସଙ୍କ ନେତୃତ୍ୱରେ ଜିଲାର ସବୁ ଅଞ୍ଚଳରେ ବିକାଶ ମୂଳକ କାର୍ଯ୍ୟ ହୋଇଆସୁଛି ଏବଂ ଦଳୀୟ ପଦାଧିକାରୀ କାର୍ଯ୍ୟକର୍ତ୍ତାଙ୍କ ସହ ସ୍ୱଚ୍ଛ ନିର୍ମଳ ବ୍ୟବହାର କରି ଆସୁଛନ୍ତି ବୋଲି କହିଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମୀ।

# କନିକାରେ ଯୋଗେଶଙ୍କ ନିର୍ବାଚନୀ ପ୍ରଚାର



ସମର୍ଥକଙ୍କ ସହ ଯୋଗେଶ ନିର୍ବାଚନୀ ପ୍ରଚାର କରୁଛନ୍ତି।

ସୁନ୍ଦରଗଡ,୭।୫(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ସଦର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂହ ମଙ୍ଗଳବାର ହେମଗିର ବ୍ଲକ ଅନ୍ତର୍ଗତ କନିକା ପଞ୍ଚାୟତର ଟାଙ୍ଗରଡିହି, ବେନ୍ଦ୍ରିଟୁଆ, କୁତ୍ରାଜୋର, ଲକେଟଝରନ, ମନିପୁର, ଦଳକ, କନିକା ଖୁପୁଡିପଡା, ଖଳିଆବାହାଲ, ଫାଟକପଡା, ତେତେଲପଡା, ରଙ୍ଗିଆଡିପା, କନିକାପଡା, ହରିଜନପଡାଠାରେ ନିର୍ବାଚନୀ ପ୍ରଚାର କରିଛନ୍ତି। ଏହି ପ୍ରଚାର ସମୟରେ ହେମଗିର ବ୍ଲକ ସଭାପତି ସୁକାନ୍ତ ପତି, ପୂର୍ବତନ ଜିଲା ପରିଷଦ ଉପ ସଭାପତି କାଶୀନାଥ ରାଉତ, ଜିଲା ପରିଷଦ ସଭ୍ୟ ମହିମା ସେଠ, ଯୁବ ନେତା ହିମାଂଶୁ ଶେଖର ଷଡ଼ଙ୍ଗୀ, କନିକା ସରପଞ୍ଚ ଶାନ୍ତ ଧୁଆଁ, ମୁସ୍ତାକ ଅହମଦ, ସୁନିଲ ପାଟଯୋଶୀ, ଉପେନ୍ଦ୍ର ଭୋଇ, ବ୍ରିଜଲାଲ ପଟେଲ, ସତ୍ୟ ସୁନ୍ଦର ବିଷୋୟୀ, ମୁନୁ ଘୋଷ, ପ୍ରକାଶ ବହିଦାର, ଅଜୟ ବାଜପେୟୀ, ଶୈଳେଶ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲିସର ଫ୍ଲାଗ ମାର୍ଚ୍ଚ

କୁଆଁରମୁଣ୍ଡା,୭।୫(ମହେନ୍ଦ୍ର କୁମାର ସାହୁ): ନିର୍ବାଚନରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ବୀରମିତ୍ରପୁର ସହରରେ ମଙ୍ଗଳବାର ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୋଲିସ ଓ ସିଆପିଏଫ ଯବାନମାନେ ମିଳିତ ଭାବେ ଚାଇନା ଟାଉନ, ଗୋଲବଜାର,ଗାନ୍ଧୀ ଛକ ଇତ୍ୟାଦି ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ କରି ଲୋକଙ୍କୁ ଅବାଧ, ନିରପେକ୍ଷ ଓ ନିର୍ଭୟରେ ମତଦାନ କରିବା ପାଇଁ ପରାମର୍ଶ ଦେଇଥିଲେ।

# ଗଛ ନାହିଁ, ମିଳୁନି ଛାଇ

ସମ୍ବଲପୁର,୭।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ରାସ୍ତାଗୁଡିକର ସମ୍ପ୍ରସାରଣ କରାଯିବା ପାଇଁ ବହୁ ପୁରୁଣାଗଛ ବନ ବିଭାଗ ପକ୍ଷରୁ କାଟି ଦିଆଯାଇଥିଲା। ଏବେ ଗଛ ନାହିଁ। ଗଛ ନ ଥିବାରୁ ଛାଇ ମିଳୁନି। ରାସ୍ତାକଡ଼ର ଗଛ କାଟିବା ଘଟଣାକୁ ସହରର ଅନେକ ବୁଦ୍ଧିଜୀବୀ ବିରୋଧ କରିଥିଲେ। ଗଛ କଟାହେଲେ ସହରର ସବୁଜିମା ନଷ୍ଟ ହେବା ସହ ଖରା ସମୟରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗିବେ ବୋଲି ଲୋକେ ପ୍ରଶାସନକୁ ସଚେତନ କରିଥିଲେ। ହେଲେ ରାସ୍ତା ସମ୍ପ୍ରସାରଣ ପାଇଁ ରାସ୍ତା କଡ ଗଛଗୁଡ଼ିକୁ କଟାଯିବା ନିହାତି ଜରୁରୀ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଥିଲା। ତେବେ ରାସ୍ତାସମ୍ପ୍ରସାରଣ ନାଁରେ ପୁରୁଣା ରାସ୍ତା ଉପରେ କେବଳ ପିଚୁ କରାଯାଇ କାମ ସାରିଦେଇଥିବାବେଳେ କଟା ଯାଇଥିବା ଗଛଗୁଡିକର ଗଣ୍ଡିଗୁଡିକ ସେହି ସ୍ଥାନରୁ ହଟା ମଧ ଯାଇନାହିଁ। ଏବେ ସେହି ଗଣ୍ଡିଗୁଡିକରୁ ନୁଆଁପତ୍ର ପାଉଁଳିବା ଆରମ୍ଭ କରିଛି । ତେବେ ବହୁ ବର୍ଷ ପୁରୁଣା ଗଛଗୁଡିକ କଟାଯିବା ଯୋଗୁଁ ରାସ୍ତା କଡରେ ଯା'ଆସ କରୁଥିବା ପଦଯାତ୍ରୀ ଏବଂ ଅନ୍ୟ ଯାତ୍ରୀମାନେ ଛାଇ ଟିକିଏ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସହରର ଧନୁପାଲିଠାରୁ ଆରମ୍ଭ କରି ଅଇଁଠାପାଲି ପର୍ଯ୍ୟନ୍ତ ସମସ୍ତ ମୁଖ୍ୟ ରାସ୍ତା କଡ ଏବେ ବୃକ୍ଷ ଶୂନ୍ୟ। ଏହାସହ ବୁର୍ଲା ସହରର ଅବସ୍ଥା ମଧ ସମାନ। ତେବେ ରାସ୍ତା ସମ୍ପ୍ରସାରଣ ପାଇଁ ଆବଶ୍ୟକତା ନ ଥିବା ସ୍ଥାନରେ ମଧ ଗଛ କଟା ହେବା ପରେ ରାସ୍ତାରେ ଖରା ସମୟରେ ବାହାରିବା ସମ୍ଭବ ହେଉନାହିଁ। ସମ୍ବଲପୁରର ତାପମାତ୍ରା ୪୨ ଡିଗ୍ରୀକୁ ଛୁଇଁଥିବାବେଳେ ଆଗକୁ ତାପମାତ୍ରା ଆହୁରି ବୃଦ୍ଧି ପାଇବ। ଏଭଳି ପରିସ୍ଥିତିରେ ଦୀର୍ଘବର୍ଷ ହେବ ବାଟୋଇଙ୍କୁ ଛାଇ ଦେଇ ଆସୁଥିବା ବୃକ୍ଷଗୁଡିକ କଟାଯାଇ ତା'ବଦଳରେ ରାସ୍ତା ମଝିରେ ମହାନଗର ନିଗମ ପକ୍ଷରୁ ଫୁଲଗଛ ଏବଂ ସୌଖିନ ଗଛଗୁଡିକ ଲଗାଯିବା ଯୋଗୁଁ ସେଗୁଡିକ ବାଟୋଇମାନଙ୍କୁ ଛାଇ ଟିକିଏ ପ୍ରଦାନ କରିବାରେ ସମର୍ଥ ହୋଇ ପାରୁନାହିଁ। ଯଦି ପୁରୁଣା ଗଛଗୁଡ଼ିକ କଟାଗଲା ତା ବଦଳରେ ଲୋକଙ୍କ ସୁବିଧା ପାଇଁ ଅନ୍ୟ ବିକଳ୍ପ ବ୍ୟବସ୍ଥା ମଧ କରାଯାଇ ପାରିନାହିଁ। ଏବେ ସହର ସାରା ଲୋକେ ଛାଇଟିକିଏ ପାଇବା ପାଇଁ ଦୋକନ ବଜାରକୁ ଆଶ୍ରା କରୁଛନ୍ତି। ତେବେ ଗଛ କଟାଯିବା ପରେ କାହିଁକି ରାସ୍ତା ସମ୍ପ୍ରସାରଣ କରାଗଲା ନାହିଁ ତାର ସ୍ପଷ୍ଟ ଉତ୍ତର ପୂର୍ତ୍ତ ବିଭାଗ ଦେଉନାହିଁ। ରାସ୍ତାର ପ୍ରଶସ୍ତୀକରଣ କାମ ସମ୍ପୂର୍ଣ୍ଣ ଶେଷ ହେବା ପରେ ରାସ୍ତାକଡରେ ନୂତନ ଗଛ ଲଗା ହେବ ବୋଲି ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ମାନସ ସେଠୀ କହିଛନ୍ତି। ସେଥିପାଇଁ ରାସ୍ତା କଡରେ ସ୍ଥାନ ଚିହ୍ନଟ ମଧ କରାଯାଇଥିବା ସେ କହିଛନ୍ତି। ତେବେ ସ୍ୱଚ୍ଛ ଏବଂ ସୁନ୍ଦର ପରିବେଶ ସହିତ ଛାଇ ପାଇଁ ଗ୍ରୀଷ୍ମ ଋତୁରେ ବୃକ୍ଷର ଆବଶ୍ୟକତାକୁ ସମସ୍ତେ ଅନୁଭବ କରୁଥିବା ବେଳେ ପ୍ରଶାସନ ପୁରୁଣା ଗଛ ଗୁଡିକୁ ରାସ୍ତା ସମ୍ପ୍ରସାରଣ ପାଇଁ କାଟିଦେବା ପରେ ବାଟୋଇମାନେ ଖରାରେ ଡହଳବିକଳ ହେବା ସାର ହେଉଛି।


ପ୍ରଶସ୍ତୀକରଣ ସକାଶେ ରାସ୍ତା କଡରେ ଥିବା ଗଛ କଟା ହୋଇଛି।

### ରାସ୍ତା ସମ୍ପ୍ରସାରଣରେ ଗଛ କଟିଲା

## ସଂକ୍ଷେପରେ

### ଯାଞ୍ଚ ବେଳେ ବୃନ୍ଦାବନ ମାଝିଙ୍କ ନାମାଙ୍କନ କଟିଲା

କୁଚିଣ୍ଡା, ୭।୫(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବିଧାନସଭା ପାଇଁ ୫ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ମଙ୍ଗଳବାର ଯାଞ୍ଚ ସମୟରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝିଙ୍କ ନାମାଙ୍କନ ପତ୍ର ଖାରଜ ହୋଇଯାଇଛି। ସେ ନାମାଙ୍କନ ପତ୍ରରେ ବିଜେଡି ବୋଲି ଉଲ୍ଲେଖ କରିଥିଲେ ହେଁ ଦଳୀୟ ଟିକେଟ ସଂଲଗ୍ନ କରି ନଥିଲେ କି ଧାର୍ଯ୍ୟ ସମୟରେ ସତ୍ୟପାଠ ମଧ୍ୟ ଦେଇ ନ ଥିଲେ। ତେଣୁ ମାଝିଙ୍କ ନାମାଙ୍କନ ଖାରଜ ହୋଇଥିବା ନିର୍ବାଚନ ଅଧିକାରୀ ତଥା କୁଚିଣ୍ଡା ଉପଜିଲାପାଳ ହେମସାଗର ଭୋଇ କହିଛନ୍ତି। ବର୍ତ୍ତମାନ ୪ଜଣ ପ୍ରାର୍ଥୀ ରହିଲେ। ଭାଜପାରୁ ରବିନାରାୟଣ ନାଏକ, ବିଜେଡିରୁ ରାଜେନ୍ଦ୍ର ଛତ୍ରିଆ, କଂଗ୍ରେସରୁ କେଦାରନାଥ ବରିହା ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ମିନାକ୍ଷୀ ମାଝି ପ୍ରତିଦ୍ୱନ୍ଦ୍ୱିତାରେ ରହିଛନ୍ତି।

### ରେଢାଖୋଲ ବିଧାନସଭା ଆସନ: ମଇଦାନରେ ୭ ପ୍ରାର୍ଥୀ

ରେଢାଖୋଲ,୭।୫(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ବିଧାନସଭା ପାଇଁ ଚଳିତ ମାସ ୨୫ରେ ନିର୍ବାଚନ ଅନୁଷ୍ଠିତ ହେବ। ସୋମବାର ପ୍ରାର୍ଥିପତ୍ର ଦାଖଲ ଶେଷ ହୋଇଥିବା ବେଳେ ମଙ୍ଗଳବାର ପ୍ରାର୍ଥିପତ୍ର ଯାଞ୍ଚ କରାଯାଇଛି। ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ରଶ୍ମିରଞ୍ଜନ ମହାନ୍ତ ମଙ୍ଗଳବାର ନାମାଙ୍କନ ପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀ ଓ ତାଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ଯାଞ୍ଚପ୍ରକ୍ରିୟା ପରେ ୭ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ତେବେ ଆସନ୍ତା ୯ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଧାର୍ଯ୍ୟ ହୋଇଛି। ଯାଞ୍ଚ ପରେ ପ୍ରକାଶ ପାଇଥିବା ପ୍ରାର୍ଥୀ ତାଲିକାରେ ସ୍ୱାଧୀନ ପ୍ରାର୍ଥୀ ସଞ୍ଜୀବ କୁମାର ବାବାଙ୍ଗା ଓ ଆଶ୍ରୟ ମହାନନ୍ଦ, ଭାଜପାର ଦେବେନ୍ଦ୍ର ମହାପାତ୍ର, ବିଜେଡିର ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସର ଆସଫ ଅଲ୍ଲୀ ଖାନ, କଳିଙ୍ଗ ସେନାର ମନୋଜ ମିଶ୍ର, ବିଏସ୍‌ପିର ପ୍ରଭାକର ରଞ୍ଜିତ ରହିଛନ୍ତି।

### ୧୨ରେ ମାନଧାତା ବାବା ମନ୍ଦିରରେ ଶୀତଳଷଷ୍ଠୀ ପ୍ରସ୍ତୁତି

ସମ୍ବଲପୁର,୭।୫(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ମାନେଶ୍ୱର ମାନଧାତା ବାବା ମନ୍ଦିର ପରିସରରେ ଚଳିତ ମାସ ୧୨ ତାରିଖରେ ଶୀତଳଷଷ୍ଠୀ ପ୍ରସ୍ତୁତି କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି । ଏହି ଦିନ ଯାତ୍ରର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ନୀତି ନିର୍ଦ୍ଧାରଣ କରାଯିବ। ଏଥିସହ ଜନସାଧାରଣଙ୍କ ଉପସ୍ଥିତିରେ ଚଳିତ ବର୍ଷର ପାର୍ବତୀଙ୍କ କନ୍ୟାମାତା ପିତା ଚୟନ ପ୍ରକ୍ରିୟା ମଧ କରାଯିବ । ମଙ୍ଗଳବାର ଏନେଇ ମାନେଶ୍ୱର ମାନଧାତା ମହାଦେବ ଟ୍ରଷ୍ଟି ଏସ.ଯୋଗେନ୍ଦ୍ର ଏକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

### ୩ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ନାକଚ, ମଇଦାନରେ ୪୪ ପ୍ରାର୍ଥୀ

**୯ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା**

ସମ୍ବଲପୁର, ୭।୫(ପ୍ରମୋଦ ବହିଦାର)

ସମ୍ବଲପୁରରେ ଆସନ୍ତା ୨୫ ତାରିଖରେ ହେବାକୁ ଥିବା ନିର୍ବାଚନ ପାଇଁ ଦାଖଲ ହୋଇଥିବା ନାମାଙ୍କନ ପତ୍ର ମଧ୍ୟରୁ ମଙ୍ଗଳବାର ଯାଞ୍ଚ ପ୍ରକ୍ରିୟାରେ ୩ ଜଣଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି। ସମ୍ବଲପୁର ସଂସଦୀୟ କ୍ଷେତ୍ର, ରେଢ଼ାଖୋଲ, କୁଚିଣ୍ଡା, ରେଙ୍ଗାଲି ଓ ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୪୭ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ମଙ୍ଗଳବାର ଯାଞ୍ଚ ପ୍ରକ୍ରିୟାରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ବୃନ୍ଦାବନ ମାଝି, ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଓଡିଶା ଜନତା ପାର୍ଟିର ଜଗା ମାଝି ଓ ସ୍ୱାଧୀନ ପ୍ରାର୍ଥୀ ଜ୍ଞାନେନ୍ଦ୍ର ବେହେରାଙ୍କ ନାମାଙ୍କନ ପତ୍ର ନାକଚ ହୋଇଯାଇଛି। ଫଳରେ ବର୍ତ୍ତମାନ ନିର୍ବାଚନୀ ମଇଦାନରେ ୪୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ। ମେ ୯ ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

# କୁମରଙ୍କ ପରିବାରକୁ ଭେଟିଲେ ଧର୍ମେନ୍ଦ୍ର


ମୃତ କୁମର ମାଝିଙ୍କ ପରିବାର ସଦସ୍ୟଙ୍କୁ ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଭେଟି ଆଲୋଚନା କରୁଛନ୍ତି।

କୁଚିଣ୍ଡା, ୭।୫(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମାଙ୍କନ ରାଲିରେ ଯୋଗଦେଇ ମୃତ୍ୟୁବରଣ କରିଥିବା ସମ୍ବଲପୁର ଜିଲା ବାମରା ବ୍ଲକ ପିଣ୍ଡାପଥର ପଞ୍ଚାୟତର ବାଘପଡା ନିବାସୀ ବାଦ୍ୟ କଳାକାର କୁମର ମାଝି। ମୃତକଙ୍କ ପରିବାରକୁ ସୋମବାର ଭେଟି ସମବେଦନା ଜଣାଇଛନ୍ତି ପ୍ରଧାନ। ତାଙ୍କ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ହୋଇ କୁମରଙ୍କ ଏଭଳି ଆକସ୍ମିକ ମୃତ୍ୟୁ ହୋଇଥିବାରୁ ସେ ମର୍ମାହତ ବୋଲି କହିଛନ୍ତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇ ସେ ତାଙ୍କ ପରିବାର ସହ ସବୁବେଳେ ଅଛନ୍ତି ବୋଲି ଭରସା ଦେଇଛନ୍ତି। ଏହି ସାକ୍ଷାତ ସମୟରେ କୁଚିଣ୍ଡା ଭାଜପା ବିଧାୟକ ପ୍ରାର୍ଥୀ ରବିନାରାୟଣ ନାଏକ, ଜିଲା ଭାଜପା ସାଧାରଣ ସମ୍ପାଦକ ଶୁଶିଳ କର ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ଗତ ୨ ତାରିଖରେ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଧାନଙ୍କ ନାମାଙ୍କନ ରାଲିରେ କୁମର ନିଜ ଗ୍ରାମର ସାଂସ୍କୃତିକ ଦଳ ସହ ସାମିଲ ହୋଇ ହଠାତ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କ ଜିଲା ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ଘଟଣାକୁ ନେଇ ଶାସକ ବିଜେଡି କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ଟାର୍ଗେଟ କରିଥିଲେ।

### ନାମାଙ୍କନ ରାଲିରେ ହୋଇଥିଲା ମୃତ୍ୟୁ

# ପ୍ରଚାରକୁ ଜୋରଦାର କଲା ବିଜେଡି


ମଙ୍ଗଳବାର ବରେଇପାଲି ଗଣ୍ଡାପଡାରେ ରାଜ୍ୟ ସଭା ସଦସ୍ୟ ବିଜେଡି ପାଇଁ ପ୍ରଚାର କରୁଛନ୍ତି।

ସମ୍ବଲପୁର,୭।୫(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ବରେଇପାଲି ଗଣ୍ଡାପଡାରେ ବିଜେଡି ମଙ୍ଗଳବାର ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛି। ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ନିର୍ବାଚନୀ ପ୍ରଚାରରେ ସାମିଲ ହୋଇ କହିଥିଲେ ଯେ, ଅନୁସୂଚିତ ଜାତି, ଜନଜାତିମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଆଦିବାସୀ ଉନ୍ନୟନ ପରିଷଦ ଗଠନ, ଭୁବନେଶ୍ୱରରେ ଆଦିବାସୀ ଭବନ ନିର୍ମାଣ ପାଇଁ ଶହେ କୋଟି ଟଙ୍କା ପ୍ରଦାନ, ଅନୁସୂଚିତ ଜାତି, ଜନଜାତି ଛାତ୍ରୀଛାତ୍ରଙ୍କୁ ଷ୍ଟାଇପେଣ୍ଡ ବୃଦ୍ଧି, ଜଙ୍ଗଲଜାତ ଦ୍ରବ୍ୟ ବିକ୍ରୟ ପାଇଁ ଏମଏସପି ପ୍ରଦାନ, ୮ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ବୋନସ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବର୍ଷକୁ ମହିଳାଙ୍କ ପାଇଁ ଦଶ ଲକ୍ଷ ଏବଂ ପୁରୁଷଙ୍କୁ ୫ଲକ୍ଷ ଟଙ୍କା ସହାୟତା, ମିଶନଶକ୍ତି ଜରିଆରେ ମହିଳା ଏସ୍‌ଏଚ୍‌ଜି ପାଇଁ ବିନା ସୁଧରେ ୧୦ଲକ୍ଷ ଟଙ୍କା ଋଣ, କାଳିଆ ଯୋଜନା, ବଳିଆ ଯୋଜନାରେ କୃଷକ ଏବଂ ବୁଣାକାରମାନଙ୍କୁ ପ୍ରୋତ୍ସାହନ ରାଶି ସହ ବିନା ସୁଧରେ ଋଣ, ନିର୍ମାଣ ଶ୍ରମିକ ସୁରକ୍ଷା ପାଇଁ ଆର୍ଥିକ ସହାୟତା, ମମତା ଯୋଜନାରେ ଗର୍ଭବତୀ ମହିଳାଙ୍କୁ ସହାୟତା, ୫-ଟି ବିଦ୍ୟାଳୟ ମହାବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା, ଅନୁସୂଚିତ ଜାତି ଜନଜାତି ଉନ୍ନୟନ ଯୋଜନା ବିଷୟରେ ବିଶି ଅଞ୍ଚଳବାସୀଙ୍କୁ ଅବଗତ କରାଇଥିଲେ। ପ୍ରକୃତ ପକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁସୂଚିତ ଜାତି/ ଜନଜାତିଙ୍କ ସକାଶେ କାର୍ଯ୍ୟ କରୁଛନ୍ତି ଆଗକୁ ମଧ ବିକାଶ ଧାରା ଜାରି ରହିବ କହି ସେ ବିଜେଡି ପାଇଁ ଭୋଟ ଭିକ୍ଷା କରିଥିଲେ । ରାଜ୍ୟସଭା ସଦସ୍ୟଙ୍କ ସମ୍ବଲପୁର ଜିଲା ପ୍ରତିନିଧି ଆଶିଷ ନନ୍ଦ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମିନି ମହାନନ୍ଦ, ଅଜୟ ମହାକୁର, ସୁଧିର ପଟ୍ଟନାୟକ, ଭଜା ନାଗ, ବିକାଶ ତରିଆ, ବିକି ଓରାମ, କିଶନ ଓରାମ, ନବିନ ହରିପାଲ, ଚନ୍ଦ୍ର ସ୍ୱାଇଁ ଏଥିରେ ଯୋଗଦେଇଥିଲେ।

### ଶୀତଳଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟିର ନୂତନ କର୍ମକର୍ତ୍ତା

**ସୁନୀଲ ସଭାପତି, ସଞ୍ଜୟ ସମ୍ପାଦକ**

ସମ୍ବଲପୁର,୭।୫(ବି.ଶଙ୍କର)

ଶୀତଳ ଷଷ୍ଠୀ ଯାତ୍ରା ମିଳିତ କ୍ରିୟାନୁଷ୍ଠାନ କମିଟିର ନୂତନ କର୍ମକର୍ତ୍ତା ଚୟନ ସମ୍ବଲପୁର ଝାଡୁଆପଡ଼ା ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଯାତ୍ରା ପାଇଁ ସର୍ବସମ୍ମତି କ୍ରମେ ମୁଦିପଡ଼ାର ସୁନିଲ କୁମାର ଦାଶ ସଭାପତି, ନନ୍ଦପଡ଼ାର ପ୍ରଶାନ୍ତ କୁମାର ବରେଇ ଉପସଭାପତି ଓ ଝାଡୁଆପଡ଼ାର ସଞ୍ଜୟ କୁମାର ମିଶ୍ରଙ୍କୁ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି । ବରିଷ୍ଠ ସଭ୍ୟ ଅମୂଲ୍ୟ କୁମାର ମିଶ୍ର ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ତୁଲାଇବେ ବୋଲି ସ୍ଥିର ହୋଇଛି। ସେହିପରି କାର୍ଯ୍ୟନିର୍ବାହୀ ସମିତିରେ ଝାଡୁଆପଡ଼ା ଶ୍ରୀଶ୍ରୀ ଲୋକନାଥ ବାବା ଶୀତଳଷଷ୍ଠୀ ଯାତ୍ରା କମିଟିର ଅଭିଷେକ ମିଶ୍ର, ଶୁଭେନ୍ଦୁ ମିଶ୍ର ଓ ସତ୍ୟଜିତ ପଣ୍ଡା, ନନ୍ଦପଡ଼ା ବମ ବରାଡ ବାଲୁଙ୍କେଶ୍ୱର ବାବା ଯାତ୍ରା କିମଟିର ପ୍ରଭୁଦତ୍ତ ପଣ୍ଡା, ମନୋଜ ମହାପାତ୍ର ଓ ବାଲଗୋପାଳ ନନ୍ଦ ଓ ମୁଦିପଡ଼ା ଶ୍ରୀଶ୍ରୀ ଜାଗୋବର ବାବା ଯାତ୍ରା କମିଟିର ସୁଧୀର କୁମାର ପଣ୍ଡା, ସୁରେଶ ଦାସ ଓ ଭୋଲାଶଙ୍କର ମହତ୍ତମ ରହିଛନ୍ତି। ଏହି ବୈଠକରେ ସରୋଜ ଦଳପତ, ସୁଶାନ୍ତ ପୁରୋହିତ, ପାର୍ଥ ସାରଥୀ ମିଶ୍ର, ଫଣିଭୂଷଣ ମିଶ୍ର, ସମୀର ରଞ୍ଜନ ବାବୁ, ମିଲୁ ପାଣିଗ୍ରାହୀ, ବାବୁଲୁ ପୁରୋହିତ, ପ୍ରବୀଣ ଦୀକ୍ଷିତ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

# ଓକିଲ ସଂଘ କର୍ମକର୍ତ୍ତାଙ୍କୁ ଭେଟିଲେ ନଗେନ୍ଦ୍ର ପ୍ରଧାନ


ମଙ୍ଗଳବାର ନଗେନ୍ଦ୍ର ପ୍ରଧାନ ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ସମ୍ବଲପୁର,୭।୫(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଲୋକ ସଭା କଂଗ୍ରେସ ପ୍ରାର୍ଥୀ ନଗେନ୍ଦ୍ର କୁମାର ପ୍ରଧାନ ମଙ୍ଗଳବାର ଓକିଲ ସଂଘ କର୍ମକର୍ତ୍ତାଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା ସମୟରେ ପ୍ରଧାନ କହିଥିଲେ ସାମୂହିକ ନ୍ୟାୟପାଳିକା ବ୍ୟବସ୍ଥାର ଉନ୍ନତି ପାଇଁ ସମ୍ବଲପୁରରେ ହାଇକୋର୍ଟ ବେଞ୍ଚର ସ୍ଥାୟୀବେଞ୍ଚ ସ୍ଥାପନ ହେବା ଏକାନ୍ତ ଜରୁରୀ। ସମ୍ବଲପୁର ଲୋକ ସଭା ସଦସ୍ୟ ଥିବା ସମୟରେ ମଧ ଏହି ଦାବି କରିଥିଲେ ଏବଂ ଆଜି ମଧ ଏହି ଦୃଢ ଦାବି ଉପସ୍ଥାପନ କରୁଛି ବୋଲି ପ୍ରଧାନ କହିଥିଲେ। ଏହାବ୍ୟତୀତ ପ୍ରଧାନ କାର୍ଯ୍ୟକର୍ତ୍ତାଙ୍କ ଗହଣରେ କୋର୍ଟ ପରିସର ବୁଲି ଆଇନଜୀବୀଙ୍କ ସହିତ ଆଲୋଚନା କରିଥିଲେ। ସମ୍ବଲପୁର ଲୋକ ସଭା ସଦସ୍ୟ ଥିବା ସମୟରେ ସମ୍ବଲପୁରରେ ଓଡିଶା ବିଧାନସଭାର ଏକ ଶୀତକାଳୀନ ଅଧିବେଶନ କରିବା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ତୁରନ୍ତ ରାଜଧାନୀ ଭୁବନେଶ୍ୱରରୁ ସମ୍ବଲପୁରକୁ ସ୍ଥାନାନ୍ତରିତ କରିବା ଆଦି ଦାବି କରିଥିଲେ। ହେଲେ ଏଥି ପ୍ରତି କେନ୍ଦ୍ର ତଥା ରାଜ୍ୟ ସରକାର କ୍ରମାଗତ ଅଣଦେଖା କରୁଥିବାରୁ ଏ ସମ୍ପର୍କରେ ଆଗାମୀ ଦିନରେ ଜନ ଆନ୍ଦୋଳନ କରିବା ଏବଂ ଏହାର ଜବାବ୍ ଚଳିତ ନିର୍ବାଚନରେ ଦେବାକୁ ଅନୁରୋଧ କରିଥିଲେ। ଏହି ଆଲୋଚନା ସମୟରେ ସମ୍ବଲପୁର ଓକିଲ ସଂଘ ସଭାପତି ସତ୍ୟନାରାୟଣ ପଣ୍ଡା, ସାଧାରଣ ସମ୍ପାଦକ ପ୍ରବୀଣ ସିଂଦେଓ, ବରିଷ୍ଠ ଆଇନଜୀବୀ ସୁରେଶ୍ୱର ମିଶ୍ର, ବିଜିତେନ୍ଦ୍ରିୟ ପ୍ରଧାନ, ଚନ୍ଦ୍ରକାନ୍ତ ମହାନ୍ତି, ସୁରଞ୍ଜିନି ବାରିକ, ମହେଶ ମୁନସୀ, ଚନ୍ଦ୍ର ପୁରୋହିତ, ଅରୁଣ କୁମାର, ବିମଳ ମହାପାତ୍ର, ଅମର ମେହେର, କିରଣ ବିଶ୍ୱାଳ, ଆଶିଷ ଗୁରୁ, ସୁତପା ମିତ୍ର, ଅକ୍ଷୟ ଦାସ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ ।

# କଫ ସିରପ ଜବତ, ୨ ଗିରଫ

ସମ୍ବଲପୁର, ୭।୫(ପ୍ରମୋଦ ବହିଦାର)

ସମ୍ବଲପୁର ଟାଉନ ଥାନା ପୋଲିସ ବ୍ୟାପକ ପରିମାଣର କଫସିରପ ଜବତ କରି ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଟାଉନ ଥାନାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ତୋଫାନ ବାଗ ଏ ନେଇ ସୂଚନା ଦେଇଛନ୍ତି। ନିଷିଦ୍ଧ କଫ୍‌ସିରପ ଚାଲାଣ ହେଉଥିବା ସମ୍ପର୍କରେ କୌଣସି ସୂତ୍ରରୁ ଟାଉନ ଥାନା ପୋଲିସକୁ ମିଳିଥିବା ସୂଚନା ଆଧାରରେ ପୋଲିସ ବୋଟିଂ କ୍ଲବ ନିକଟରେ ଚଢ଼ାଉ କରି ଏକ କାର(ଓଆର୍-୧୫-ଆର୍-୯୬୨୩)ରୁ ୮ଟ ସିଲ୍ଡ ପେଟିରେ ଥିବା ୯୬୦ଟି ଶହେ ମିଲିଲିଟର ବିଶିଷ୍ଟ କଫ୍ ସିରପ ସହ ଚାଲାଣରେ ବ୍ୟବହୃତ କାରକୁ ପୋଲିସ ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କ ହେବ ବୋଲି ପୋଲିସ କହିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ପୋଲିସ ବାଲିବନ୍ଧ ଶିବମନ୍ଦିର ଅଞ୍ଚଳର ବବି କୁମାର ମହୋତୋ(୧୯) ଓ ମୁଦିପଡ଼ା ବିହାରୀପଡ଼ାର ନିରଜ କୁମାର ସା(୧୯)ଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ ଓ ନଗଦ ୩୮୪୦୦ ଟଙ୍କା ମଧ ଜବତ କରାଯାଇଛି। ପଚରା ଉଚରା ବେଳେ ସେମାନେ କଫ୍ ସିରପକୁ ସାହୁ କଲୋନୀ ନିବାସୀ ଏନ୍ ନରସିଂହା ନାମକ ଜଣେ ବ୍ୟକ୍ତିଙ୍କଠାରୁ ନେଇଥିଲେ ବୋଲି କହିଚନ୍ତି। ଟାଉନ ଥାନାରେ ଏହାକୁନେଇ ଏକ ମାମଲା (୧୮୬/୨୪)ଦଫା ୨୦(ବି) ଅବକାରୀ ଆଇନ୍‌ରେ ଏକ ମାମଲା ରୁଜୁ ହୋଇଛି।



ଜବତ କଫ୍ ସିରପ ସହିତ ଗିରଫ ୨ ଅଭିଯୁକ୍ତ।

# ବିଡିଓଙ୍କୁ ଫେରାଦ ହେଲେ ଗ୍ରାମବାସୀ

କୁଚିଣ୍ଡା, ୭।୫(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ ଗରଡେଗା-ଜୁରାପାଲି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣ ଓ ପ୍ରଶସ୍ତିକରଣ ନାମରେ ଆଦିବାସୀଙ୍କ ଜମି ଦଖଲ ଅଭିଯୋଗ ହୋଇଛି। ରବଗା ପଞ୍ଚାୟତର ଡ଼ହମୁଣ୍ଡା, ସୁନାମୁଣ୍ଡା, ଜୁରାପାଲି ଓ କିଚିଣ୍ଡା ପ୍ରଭୃତି ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଆଦିବାସୀଙ୍କ ରାସ୍ତାପାର୍ଶ୍ୱରେ ଥିବା ଚାଷଜମି ଏବଂ ବାସଗୃହ ଆଂଶିକଭାବେ ପୋତି ହୋଇ କ୍ଷତିଗ୍ରସ୍ତ ହେଉଥିବା ନେଇ ଲୋକମୁକ୍ତି ସଙ୍ଗଠନ ଏବଂ ପ୍ରଭାବିତ ଅଧିବାସୀଙ୍କ ପକ୍ଷରୁ ବିଡିଓଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି। ଏହି ନିର୍ମାଣାଧୀନ ରାସ୍ତା ଯୋଗୁ ବେଆଇନ ଭାବେ ଜଙ୍ଗଲ ଜମିକୁ ଅକ୍ତିଆର କରିବା ସହ ରାସ୍ତାକଡରେ ଥିବା ନଳକୂପଗୁଡିକୁ ମଧ୍ୟ ପୋତି ଦିଆଯାଉଥିବା ଅଭିଯୋଗରେ କୁହାଯାଇଛି। ବାମରା ବ୍ଲକ ହେଉଛି ପେସା ଅଞ୍ଚଳ। ଭାରତୀୟ ସମ୍ବିଧାନର ଧାରା ୨୪୪(୧) ଏବଂ ପଞ୍ଚମ ଅନୁସୂଚୀ ଅନୁଯାୟୀ ଗ୍ରାମସଭାକୁ ସ୍ୱତନ୍ତ୍ର କ୍ଷମତା ଦିଆଯାଇଥିଲେ ହେଁ ଏହାକୁ ଜାଣିଶୁଣି ଗ୍ରାମ୍ୟ ଉନ୍ନୟନ ବିଭାଗ ଉଲ୍ଲଂଘନ କରୁଛି। ଗ୍ରାମସଭାକୁ ସୂଚନା ଦିଆ ନ ଯାଇ ରାସ୍ତା କାର୍ଯ୍ୟ ଚାଲିଥିବା ବେଳେ ପ୍ରକଳ୍ପରେ ସୂଚନା ଫଳକ ମଧ ଲଗାଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ଏହାର ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ବାମରା ବିଡିଓ ପୁଷ୍ପକ ପ୍ରଧାନ ଦାବିପତ୍ର ଗ୍ରହଣ କରି ଏହି ରାସ୍ତା ପ୍ରକଳ୍ପ ତାଙ୍କ ଅଧିନରେ ଆସୁଥବା କହି ସମ୍ପୃକ୍ତ ବିଭାଗକୁ ଏହା ପଠାଇଦେବାକୁ କହିଥିଲେ। ଏ ସମ୍ପର୍କରେ କୁଚିଣ୍ଡା ଗ୍ରାମ୍ୟ ବିଭାଜନ ସହକାରୀ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ନାଏକଙ୍କୁ ପଚାରିବାରୁ ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଲୋକମୁକ୍ତି ସଙ୍ଗଠନ ଉପଦେଷ୍ଟା ଅନନ୍ତ ପଣ୍ଡା, ସାଧାରଣ ସମ୍ପାଦକ ଗ୍ରେଗୋରୀ ସାମାଦ, ସଂଯୋଜକ ଜିନିଦ ସାମାଦ, ରବିନ୍ଦ୍ର ନାୟକ, କାତ୍ରିନା କିରୋ, ବିପିନ କିଶୋର ବାଆ, ରଞ୍ଜନ କାଲୋ, ପ୍ରଦୀପ ବିଲୁଙ୍ଗ, ଦାୟାଲ ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ।


ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ରାସ୍ତା ନିର୍ମାଣ, ପ୍ରଶସ୍ତୀକରଣ ନାମରେ ଆଦିବାସୀଙ୍କ ଜମି ଦଖଲ ଅଭିଯୋଗ**

## ଶିବ ମହାପୁରାଣ ଜ୍ଞାନଯଜ୍ଞ ଉଦ୍‌ଯାପିତ

କେସିଙ୍ଗା, ୭।୫(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଆମ୍ବେଦକର ଛକସ୍ଥିତ ଶ୍ୟାମଜି ରାଇସ ମିଲ୍ ପରିସରରେ ସହରର ପ୍ରତିଷ୍ଠିତ ନନ୍ଦ ରାମ କିଶନଲାଲ ପରିବାର ପକ୍ଷରୁ ଆୟୋଜିତ ବିଶାଳ ଶିବ ମହାପୁରାଣ ଜ୍ଞାନଯଜ୍ଞ ମଙ୍ଗଳବାର ଭକ୍ତିମୟ ପରିବେଶରେ ଉଦ୍‌ଯାପିତ ହୋଇଯାଇଛି। ଗତ ଏପ୍ରିଲ ୨୯ରୁ ଆରମ୍ଭ ହୋଇଥିବା ଉକ୍ତ ଶିବ ମହାପୁରାଣ ଜ୍ଞାନଯଜ୍ଞରେ ଧାମପୁର ବିଜନୋର୍ (ଉତ୍ତରପ୍ରଦେଶ)ରୁ ଆସିଥିବା ଜଣାଶୁଣା ଶିବ କଥାବାଚକ ପରମପୂଜ୍ୟ ଶ୍ରୀ ରାଧେଶ୍ୟାମ ବ୍ୟାସ ଜି ମହାରାଜ ୯ଦିନ ଧରି ଶିବ ମହାପୁରାଣର ପ୍ରତ୍ୟେକ ଛାନ୍ଦ ଚଉପଦୀ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଉପସ୍ଥିତ ଭକ୍ତମାନଙ୍କୁ ବୁଝାଇଥିଲେ। ୯ ଦିନ ଧରି ଶିବ ମହାପୁରାଣ ଜ୍ଞାନଯଜ୍ଞ ପ୍ରବଳ ତାତିକୁ ଦୃଷ୍ଟିରେ ରଖି ଅପରାହ୍ନ ତିନିଟାରୁ ସନ୍ଧ୍ୟା ସାତଟା ପର୍ଯ୍ୟନ୍ତ ହୋଇଥିଲା। ଶିବ ମହାପୁରାଣ ଜ୍ଞାନଯଜ୍ଞର ଖର୍ଚ୍ଚ ନାନ୍ଦରାମ କିସନଲାଲ ପରିବାର ପକ୍ଷରୁ ବହନ କରାଯାଇଥିବାବେଳେ ଶହଶହ ସଂଖ୍ୟାରେ ଭକ୍ତଙ୍କ ପାଇଁ ପ୍ରତିଦିନ ଥଣ୍ଡା ପାନୀୟ ଜଳ, ସରବତ, ଚା ବିସ୍କୁଟ ଏପରିକି ଟିଫିନର ମଧ୍ୟ ସୁବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନନ୍ଦଲାଲ କିଶନଲାଲ ପରିବାର ପକ୍ଷରୁ ଶ୍ୟାମସୁନ୍ଦର ଅଗ୍ରୱାଲ, ମୁରାରି ଲାଲ ଅଗ୍ରୱାଲ, ଶଙ୍କରଲାଲ ଅଗ୍ରୱାଲ, ହନୁମାନ ପ୍ରସାଦ ଅଗ୍ରୱାଲ, କୈଳାଶ ଅଗ୍ରୱାଲ, ରାହୁଲ ଅଗ୍ରୱାଲ, ରୋହିତ ଅଗ୍ରୱାଲ, ରାଜା ଅଗ୍ରୱାଲ, ଗୌରବ ଅଗ୍ରୱାଲ, ସୌରଭ ଅଗ୍ରୱାଲ, ସିଦ୍ଧାର୍ଥ ଅଗ୍ରୱାଲ ଓ ଗର୍ଗ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କୋକସରା, ଖଡ଼ିଆଳରେ କାଳବୈଶାଖୀ ବିପ୍ଳାତ


କୋକସରା ଅଞ୍ଚଳରେ ଘର ଉପରେ ଗଛ ପଡିଛି।


ଖଡ଼ିଆଳ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ହୋଇଥିବା କ୍ଷତି।

କୋକସରା/ଖଡ଼ିଆଳ,୭।୫(ଦୁଷ୍ମନ୍ତକୁମାର ପାଟଯୋଷୀ/ ସୁଜିତ କୁମାର ପ୍ରଧାନ)

କଳାହାଣ୍ଡି ଜିଲା କୋକସରା ଓ ନୂଆପଡ଼ା ଜିଲା ଖଡ଼ିଆଳ ଅଞ୍ଚଳରେ କାଳବୈଶାଖୀ ବିପ୍ଳାତ ଦେଖିବାକୁ ମିଳିଛି। କାଳବୈଶାଖୀ ଆଣିଛି ତାତିରୁ ଶାନ୍ତି। ହେଲେ ଏହାର ପ୍ରଭାବରେ ବଡବଡ ଗଛ ସହ ବିଦ୍ୟୁତ୍ ଖୁଣ୍ଟ ଉପୁଡି ପଡି ଉପାନ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଭୋର ସମୟରେ ହଠାତ କାଳବୈଶାଖୀ ସହ ପ୍ରବଳ ବେଗରେ ପବନ ଓ ଝିପିଝିପି ବର୍ଷା ହୋଇଥିଲା। ତେବେ ବିଗତ କିଛି ଦିନରୁ ପ୍ରଚଣ୍ଡ ଖରାରୁ ଲୋକଙ୍କୁ ସାମୟିକ ଭାବେ ଆଶ୍ୱସ୍ତି ମିଳିଥିବାବେଳେ କାଳବୈଶାଖୀ ପ୍ରଭାବରେ ହୋଇଥିବା ଝଡତୋଫାନରେ କୋକସରା ବ୍ଲକର ବଡକେନ୍ଦୁଗୁଡା, ଡୁଡୁକାଠେଙ୍ଗା, ଖଲିଗଡ, ଦାବ୍ରିଗୁଡା, ଆମପାଣି ସହ ୨୫ରୁ ଊର୍ଦ୍ଧ୍ୱ ଗାଁରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଥିବା ଜଣାପଡିଛି।

କାଳବୈଶାଖୀର ପ୍ରଭାବ ଏତେଜୋରରେ ଥିଲା ଯେ, ଆମପାଣି


କୋକସରା ଅଞ୍ଚଳରେ ଖୁଣ୍ଟଭାଙ୍ଗି ଟ୍ରାନ୍ସଫର୍ମର ପଡିଛି।

ବସଷ୍ଟାଣ୍ଡ ନିକଟରେ ଥିବା ଏକ ବିରାଟ ତେନ୍ତୁଳି ଗଛ ଦୁଇ ଜଣଙ୍କ ଘର ଉପରେ ପଡିବାରୁ ପରିବାର ଲୋକେ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଘର ନଷ୍ଟ ହୋଇଛି। ଖବର ପାଇ କୋକସରା ଦମକଳ କର୍ମଚାରୀମାନେ ପହଞ୍ଚି ଗଛ କାଟି ହଟାଇଥିଲେ। ଅନ୍ୟପଟେ ବଡ଼ବଡ଼ ବିଦ୍ୟୁତ୍ ଖୁଣ୍ଟକୁ ଧରାଶାୟୀ କରିଦେଇଛି। ଡୁଡୁକାଠେଙ୍ଗା ପଞ୍ଚାୟତର ବଡ଼କଛାରକୁ ସଂଯୋଗ କରୁଥିବା ବିଦ୍ୟୁତ୍ ଖୁଣ୍ଟକୁ ଉପାଡି ଦେଇଛି। ଫଳରେ ଏହି ଅଞ୍ଚଳରେ ବିଦ୍ୟୁତ୍ ସେବା ରାତି ପର୍ଯ୍ୟନ୍ତ ବନ୍ଦ ହୋଇପଡିଛି। ଏନେଇ ସରପଞ୍ଚ ହରିପ୍ରିୟା ନାଗ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ସୂଚନା ଦେଇଥିଲେ ଓ ଖବର ପାଇ ବିଭାଗର କର୍ମଚାରୀମାନେ

### ଧରାଶାୟୀ ହେଲା ବିଦ୍ୟୁତ୍ ଖୁଣ୍ଟ, ବିଦ୍ୟୁତ୍ ସେବା ପ୍ରଭାବିତ

ମରାମତି କାର୍ଯ୍ୟ ଜାରି ରଖିଥିବା ସୂଚନା ମିଳିଛି। ଖଡିଆଳ ଅଞ୍ଚଳରେ ମଙ୍ଗଳବାର ଘୂର୍ଣ୍ଣିଝଡ଼ ହେବାରୁ ଗଛଭାଙ୍ଗି ରାସ୍ତାଜାମ ହୋଇଛି। ଘରଦ୍ୱାର ଛାତ ଭାଙ୍ଗି ବହୁ କ୍ଷତି ହୋଇଛି। ହଠାତ ଘୂର୍ଣ୍ଣିଝଡ, ବର୍ଷା ସହ ଘଡଘଡି ବିଜୁଳି ମାରିଥିଲା। ଦ୍ରୁତ ଗତିରେ ପବନ ପ୍ରବାହିତ ହୋଇଥିବାରୁ ଗଛଗୁଡିକ ଉପୁଡି ଭାଙ୍ଗି ଯାଇଛି। ବିଶେଷକରି ଖଡ଼ିଆଳ ବ୍ଲକର ବଙ୍କାପୁର ଗ୍ରାମରେ ଶତାଧିକ ଗଛ ଭାଙ୍ଗିଯିବା ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ଫଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଖଡ଼ିଆଳ ରାଣୀମୁଣ୍ଡା ଭାୟା ସିନାପାଲି ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଗଛ ପଡିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଅଗ୍ନିଶମ ବାହିନୀ ପହଞ୍ଚି କିଛି ସ୍ଥାନରୁ ଗଛ ହଟାଇ ସ୍ଥିତି ସ୍ୱାଭାବିକ କରୁଥିବା ଦେଖାଦେଇଛି।

## କୁମ୍ଭାରଗୁଡାକୁ ହରାଇ ପାହାଡ଼ପଡ଼ାର ଚାମ୍ପିୟନ

ଲାଞ୍ଜିଗଡ଼, ୭।୫(ରମେଶଚନ୍ଦ୍ର ନାୟକ)

### ସୁନାଗିଲୁ ନାଏକ ମେମୋରିଆଲ୍ ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ବିଜେପୁର ସ୍ଥିତ ଖେଳପଡିଆ ଠାରେ ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ସୁନାଗିଲୁ ନାଏକ ମେମୋରିଆଲ ନକଆଉଟ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ମ୍ୟାଚ କୁମ୍ଭାରଗୁଡା ଦଳ ଓ ପାହାଡ଼ପଡ଼ାର ଦଳ ମଧ୍ୟରେ ହୋଇଥିଲା। କୁମ୍ଭାରଗୁଡ଼ା ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଂ କରିଥିଲେ ଏବଂ ପାହାଡ଼ପଡାର ଦଳକୁ ଫିଲଡିଂ କରିବାକୁ ଦେଇଥିଲେ । କୁମ୍ଭାରଗୁଡା ଦଳ ୧୫ ଓଭର ଖେଳି ୭ ଉଇକେଟ ବିନିମୟରେ ୮୩ ରନ କରିଥିବା ବେଳେ ଜବାବରେ ପାହାଡ଼ପଡାର ଦଳ ୮.୨ ଓଭରରେ ୪ ଉଇକେଟ ବିନିମୟରେ ୮୪ ରନ କରି କୁମ୍ଭାରଗୁଡା ଦଳଠାରୁ ବିଜୟୀ ହୋଇଥିଲେ। ଏହି ମ୍ୟାଚରେ ପାହାଡ଼ପଡାର ଦଳ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚ ଏପ୍ରିଲ ୨୮ରୁ ଆରମ୍ଭ ହୋଇଥିବା ବେଳେ ଏଥିରେ ୧୬ଟି ଦଳ ସାମିଲ ହୋଇଥିବା ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସୂଚନା ମିଳିଛି। ଏହି ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରାର୍ଥୀ ପ୍ରଦୀପ ଦିଶାରୀ ଏବଂ ମୁଖ୍ୟବକ୍ତା ଭାବେ କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝୀ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଲାଞ୍ଜିଗଡ ଆଞ୍ଚଳିକ ବିକାଶ ପରିଷଦ ସଭାପତି ଶ୍ରୀଧର ପେଶନିଆ, ଲାଞ୍ଜିଗଡ ବ୍ଲକ ପୂର୍ବତନ ଅଧ୍ୟକ୍ଷ, ଲାଞ୍ଜିଗଡ ବ୍ଲକ ପୂର୍ବତନ ଉପାଧ୍ୟକ୍ଷା ତୁଳସୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉଦ୍‌ଯାପନୀ ମ୍ୟାଚରେ ଧାରା ବିବରଣୀ ରମେଶ ବାଗ କରିଥିବାବେଳେ ସ୍କୋର ବୋର୍ଡ଼ରେ ଜଗନ୍ନାଥ ନାଏକ କାର୍ଯ୍ୟ ତୁଲାଇଥିଲେ। ଖେଳ ପରିଚାଳନା ବରୁଣ ନାଏକ ଏବଂ ଜଗତରାମ ବାଗ କରିଥିଲେ। ଏହି କ୍ରିକେଟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ବିଜେପୁର ପକ୍ଷରୁ ବରୁଣ ନାଏକ, ଜଗତରାମ ବାଗ, ଦିନେଶ ବାଗ, ବରୁଣ ନାଏକ, ବିକାଶ ନାଏକ, ମଳୟ ନାଏକ, ପଙ୍କଜ ନାଏକ, ପ୍ରବୀଣ ନାଏକ, ମହେଶ୍ୱର ନାଏକ, ପଙ୍କଜ ନାଏକ, ରାହୁଲ ନାଏକ, ମିଲକୁ ନାଏକ, ବିଜୟ ନାଏକ, ହରିଶ ନାଏକ, ଅମର ନାଏକ ସମେତ ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ସୁନାଗିଲୁ ନାଏକ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।

## ଦୁର୍ଗମ ଅଞ୍ଚଳରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର

ଲାଞ୍ଜିଗଡ଼, ୭।୫(ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୂଷାନାଳଠାରୁ ବିଜେପୁର ପର୍ଯ୍ୟନ୍ତ ବିଜେଡିର ବାଇକ୍ ରାଲି ସହିତ ବିଧାୟକ ପ୍ରାର୍ଥୀଙ୍କ ଭୋଟ ଭିକ୍ଷା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ନିରନ୍ତର ବିକାଶ ପଥରେ ଆଗେଇ ଚାଲିଥିବାବେଳେ ଷଷ୍ଠଥର ପାଇଁ ସରକାର ଗଠନ ବିଜେଡିର ଲକ୍ଷ୍ୟ ବୋଲି ନେତାମାନେ କହିଥିଲେ। କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ ମୂଷାନାଳସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା କରିବା ପରେ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ଦିଶାରୀଙ୍କୁ ନେଇ ଏକ ବିଶାଳ ରୋଡ଼ ସୋ ସହିତ ନିଜର ଦମ୍ ଦେଖାଇଛି ବିଜେଡି। ଏକ ବିଶାଳ ଶୋଭାଯାତ୍ରା ବାହାରି ବ୍ଲକର ମୂଷାନାଳ, ପଦ୍ମଥପା, ବେନଗାଁ, କୁମ୍ଭାରଗୁଡା, ଲାଖବାହିଲି, ପାହାଡ଼ପଦର, ମାଲିଯୁବାଙ୍ଗ ଦେଇ ବିଜେପୁର ପହଞ୍ଚିଥିଲା। ବିଧାୟକ ପ୍ରାର୍ଥୀ ଦିଶାରୀଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କଳାହାଣ୍ଡି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଶିବାଜୀ ମାଝି, ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ବିଜେଡି ଜିଲା ସମ୍ପାଦକ ଜଗଦୀଶ ବେନିଆଁ, ବ୍ଲକ ଯୁବ ବିଜେଡି ସଭାପତି ଡିଲେସ ନାଗ,ବରିଷ୍ଠ ବିଜେଡି କର୍ମୀ ଶ୍ରୀଧର ପେଶନିଆ, ବ୍ଲକ ଯୁବ କାର୍ଯ୍ୟକାରିଣୀ ସଭାପତି ବନମାଳୀ ମାଝି, ବିଜେଡ଼ି ଜୋନ-୨ସଭାପତି ଲୋକନାଥ ମାଝି, ଜୋନ-୧ ଚନ୍ଦ୍ରଶେଖର ମହାପାତ୍ର, ରାଜେନ୍ଦ୍ର ମାଳି, ପୂର୍ବତନ ଅଧ୍ୟକ୍ଷ ମନୋହର ହରପାଲ, ବରିଷ୍ଠ କର୍ମୀ ଚନ୍ଦ୍ରଧ୍ୱଜ ପେଶନିଆ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ପାହାଡ଼ପଦର ସରପଞ୍ଚ ଲକ୍ଷ୍ମଣ ମାଝି, ଛତ୍ରପୁର ସରପଞ୍ଚ ବ୍ଲକ ସଭାନେତ୍ରୀ ସୁଜାତା ଘଡେଇ, ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବ୍ଲକର ପୂର୍ବତନ ଉପାଧ୍ୟକ୍ଷା ତୁଳସୀ ନାଏକ, ହରିଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଲାଞ୍ଜିଗଡ଼ ବ୍ଲକରେ ବିଜେଡି ପ୍ରାର୍ଥୀ ପ୍ରଚାର କରୁଛନ୍ତି।

## ଗୁରୁମନ୍ତ୍ର ଦେଲେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ



ଯୋରାଡବରାରେ ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ଓ ଭାଜପା ନେତାମାନେ ମଞ୍ଚାସୀନ।

ରିଷିଡା, ୭।୫(ସୁଶାନ୍ତ ମଲ୍ଲିକ)

### ଯୋରାଡବରାଠାରେ ଭାଜପାର ନିର୍ବାଚନୀ ସଭା

ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି, ନର୍ଲା ନିର୍ବାଚନ ମଣ୍ଡଳୀରେ ରାଜନୀତି ସେତିକି ଉଷ୍ମ ହେବାରେ ଲାଗିଛି। ଏହି ନିର୍ବାଚନ ମଣ୍ଡଳୀରେ ଭାଜପା, ବିଜେଡ଼ି, କଂଗ୍ରେସ ବିଜୟ ହାସଲ ପାଇଁ ନିଜ ରଣାଙ୍ଗନ ପ୍ରସ୍ତୁତ କରୁଥିବାବେଳେ କେନ୍ଦ୍ର ଆଦିବାସୀ ବ୍ୟାପାର ତଥା ଜଳସମ୍ପଦ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ରବିବାର ଦିନିକିଆ କଳାହାଣ୍ଡି ଗସ୍ତରେ ଆସି ଭାଜପାର ପଥପ୍ରାନ୍ତ ନିର୍ବାଚନୀ ସଭାରେ ଯୋଗଦେଇ କର୍ମୀ ଓ ଜନସାଧାରଣଙ୍କୁ ଗୁରୁ ମନ୍ତ୍ର ଦେଇଥିଲେ। ମନ୍ତ୍ରୀ ଟୁଡୁ, ଓଡ଼ିଆ ଅଭିନେତ୍ରୀ ପିଙ୍କି ପ୍ରଧାନ ଭୁବନେଶ୍ୱରରୁ ଆକାଶ ମାର୍ଗରେ ଆସି କର୍ଲାମୁଣ୍ଡା ବ୍ଲକସ୍ଥିତ ଯୋରାଡବରା ଖେଳ ପଡ଼ିଆଠାରେ ପହଞ୍ଚିବା ପରେ ଦଳୀୟ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନା ଉପରେ ଭୋଟରଙ୍କୁ କହିବା ସହ ସାଂସଦ ପ୍ରାର୍ଥୀ ମାଳବିକା ସିଂଦେଓ, ବିଧାୟକ ପ୍ରାର୍ଥୀ ଅନିରୁଦ୍ଧ ପଧାନଙ୍କ ପାଇଁ ଜୋରଦାର ପ୍ରଚାର କରିଥିଲେ। କେନ୍ଦ୍ରମନ୍ତ୍ରୀ କହିଥିଲେ ୧୦ ବର୍ଷର ମୋଦି ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କରିଛନ୍ତି। କେନ୍ଦ୍ରରୁ ମାଲମାଲ ଯୋଜନା ପଠାଯାଉଛି ହେଲେ ରାଜ୍ୟ ସରକାର ତାହାକୁ ଲୋକଙ୍କ ପାଖରେ ପହଞ୍ଚାଇପାରୁ ନାହାନ୍ତି। ପ୍ରକୃତ ହିତାଧିକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ସେଥିପାଇଁ ଡବଲ ଇଞ୍ଜିନ ସରକାର ଆବଶ୍ୟକ। କାର୍ଯ୍ୟକ୍ରମରେ ଭାଜପା ସାଂସଦ ପ୍ରାର୍ଥିନୀ ମାଳବିକା ସିଂଦେଓ, ବିଧାୟକ ପ୍ରାର୍ଥୀ ଅନିରୁଦ୍ଧ ପଧାନଙ୍କ ସମେତ ପୂର୍ବତନ କଳାହାଣ୍ଡି ସାଂସଦ ଅର୍କକେଶରୀ ଦେଓ, ଯୋରାଡବରା ମଣ୍ଡଳ ପ୍ରଭାରୀ ପଦ୍ମଲୋଚନ ମିଶ୍ର, ଯୋରାଡବରା ମଣ୍ଡଳ ସଭାପତି ଦଶରଥ ସାହୁ, କର୍ଲାମୁଣ୍ଡା ମଣ୍ଡଳ ସଭାପତି ସଞ୍ଜୟ ଜୈନ, ରୁପ୍ରା ମଣ୍ଡଳ ସଭାପତି କୀର୍ତ୍ତି ମାହାର, କଣ୍ଟପଡା ମଣ୍ଡଳ ସଭାପତି ହେମ ପୂଝାରୀ, ମଦନପୁର ରାମପୁର ମଣ୍ଡଳ ସଭାପତି ପ୍ରତାପ ବାଗ, ସରିଆ ମଣ୍ଡଳ ସଭାପତି ସଞ୍ଜୟ ମାଝୀ, ମୋହନ ଗିରି, ସରୋଜ ବେହେରା, ନର୍ଲା ପ୍ରଣତୀ ମହାନନ୍ଦ, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ବସନ୍ତ କୁମାର ପୁରୋହିତ, ସଂଯୋଜକ ସରୋଜ ବୁଦ୍ଧିଆ, ବୁଥ ବିଜୟ ଅଭିଯାନ ସଂଯୋଜକ ମନ୍ମୟ ଚାନ୍ଦ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ନମିତା ସାହୁ, ବରିଷ୍ଠ ଭାଜପା ନେତ୍ରୀ ସଂଯୁକ୍ତା ସିଂ ଦେଓ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଅମ୍ରିତା ସାହୁ, ତୁଣ୍ଡଲା ସରପଞ୍ଚ ସରୋଜ ସେଠ,ମାଣ୍ଡେଲ ସରପଞ୍ଚ ପଦ୍ମଲୋଚନ ଜାଲ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏଥିରେ ବିଜେଡ଼ି ଓ କଂଗ୍ରେସର ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ନିର୍ବାଚନ ପ୍ରଭାରୀ ବସନ୍ତ ପୁରୋହିତ ସଂଯୋଜନା କରିଥିଲାବେଳେ ଯୋରାଡବରା ମଣ୍ଡଳ ସମ୍ପାଦକ ଗୋପିନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶାର ବିକାଶ ଓଡ଼ିଆ ଲୋକ କରିବେ

ଭବାନୀପାଟଣା,୭।୫(ଉତ୍ତମ କୁମାର ଦାଶ)

### ଖବରଦାତା ସମ୍ମିଳନୀରେ ଭାଜପାର ନିର୍ବାଚନୀ ଗ୍ୟାରେଣ୍ଟି

ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୧୩ରେ କଳାହାଣ୍ଡି ଲୋକସଭା ସମେତ ରାଜ୍ୟର ୩ଟି ଲୋକସଭା କ୍ଷେତ୍ରରେ ଅନୁଷ୍ଠିତ ହେବ। ଏ ନେଇ ବିଭିନ୍ନ ଦଳ ପକ୍ଷରୁ ଗତ କିଛି ଦିନ ହେଲା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରୟାସ ଜାରି ରହିଛି। ଆରୋପ ପ୍ରତ୍ୟାରୋପ ମଧ୍ୟ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ଭବାନୀପାଟଣାସ୍ଥିତ ଭାଗିରଥି ଇନ୍ ଠାରେ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ରାଜ୍ୟରେ ୨୫ବର୍ଷର ବିଜେଡି ଶାସନରେ ବିଜୁ ଜନତା ଦଳ କଣ କରିଛି ବୋଲି ପ୍ରଶ୍ନ କରିଛି ଭାଜପା। ଓଡ଼ିଆ ଅସ୍ମିତା ଏହି ନିର୍ବାଚନର ବଡ ପ୍ରସଙ୍ଗ। ଓଡ଼ିଶା ନେତୃତ୍ୱ ଜଣେ ଓଡ଼ିଆଙ୍କ ହାତରେ ରହିବ। ଓଡ଼ିଶାର ବିକାଶର ରୋଲ ମଡେଲ କଣ ହେବ ତାହା ଓଡ଼ିଆ ଲୋକ ନିଷ୍ପତ୍ତି ନେବେ। ଦେଶରେ ଯେମିତି ମୋଦି ଗ୍ୟାରେଣ୍ଟି ସେମିତି ଓଡିଶାର ବିକାଶ ଓଡ଼ିଆ ଲୋକ କରିବେ ତାହା ଭାଜପାର ନିର୍ବାଚନୀ ଗ୍ୟାରେଣ୍ଟି ବୋଲି କହିଥିଲେ। ସେହିପରି ଓଡ଼ିଶା ପାଇଁ ଭାଜପାର ସଂକଳ୍ପପତ୍ର ବିଷୟରେ ସୂଚନା ଦେଇଥିଲେ ରାଜ୍ୟ ମୁଖପାତ୍ର ଅନୀଲ ବିଶ୍ୱାଳ। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଲୋକସଭା ପ୍ରଭାରୀ ରମେଶ ସାହୁ, ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଭବାନୀପାଟଣା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକ,ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ଭବାନୀପାଟଣାରେ ଅନୁଷ୍ଠିତ ଭାଜପାର ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

# ଦୁର୍ଦ୍ଦିନରେ ବିତୁଛି ଜୀବନ

ନୂଆପଡ଼ା, ୭।୫ (ମକାରୁ ବେମାଲ)

### ୮ ମାସ ହେଲା ଭତ୍ତା ପାଇନାହାନ୍ତି ୮୧ବର୍ଷିୟା ଦୃଷ୍ଟିହୀନ ବୃଦ୍ଧା

ନୂଆପଡ଼ା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁରେ ଜଣେ ଦୃଷ୍ଟିହୀନ ୮୧ ବର୍ଷିୟା ବୃଦ୍ଧା ୮ମାସ ହେଲା ଭତ୍ତା ପାଇନାହାନ୍ତି। ଫଳରେ ଦୁର୍ଦ୍ଦିନରେ ଜୀବନ ବିତାଉଛନ୍ତି। ସେ ହେଲେ ପଦ୍ମିନୀ ଦୁରିଆ। ଜନ୍ମରୁ ଦୃଷ୍ଟିହୀନ ହୋଇ ଥିବାରୁ ବିବାହ ନ କରି ମା'ବାପାଙ୍କ ପାଖରେ ରହି ଆସୁଥିଲେ। ମା'ବାପା ଆରପାରିକୁ ଚାଲିଯିବା ପରେ ବାରଦୁଆର ହୋଇ ଘୁରି ବୁଲୁଛନ୍ତି। ଓଳିଏ ଖାଇବା ପାଇଁ ଦାନା ଯୋଗାଡ଼ କରିବା ମଧ୍ୟ କଷ୍ଟକର ହୋଇପଡୁଛି। ଯିଏ ଦେଲେ ଖାଉଛନ୍ତି ନ ହେଲେ ଉପବାସରେ ଜୀବନ ବିତାଉଛନ୍ତି। ତାଙ୍କର ରାଶନ କାର୍ଡ ବୋଲି କିଛି ନାହିଁ। ପଞ୍ଚାୟତରୁ ୫ କିଲୋଗ୍ରାମ ଚାଉଳ ଦେଉଥିଲେ, ତାହା ମଧ୍ୟ ବନ୍ଦ କରି ଦେଇଛନ୍ତି। ୫ଶହ ଟଙ୍କା ଭତ୍ତା ପାଉଥିଲେ। ଯେତେବେଳେ ହାତରେ ଦେଉଥିଲେ ଠିକ ଭାବରେ ପାଉଥିଲେ। ୨୦୨୨ ମେଠାରୁ ଆକାଉଣ୍ଟରେ ଭତ୍ତା ଟଙ୍କା ପଡିଲା ଦିନଠାରୁ ଠିକ୍ ଭାବରେ ପାଇପାରୁ ନାହାନ୍ତି। ସେ ଚାଲିବୁଲି ପାରୁଥିବା ସମୟରେ ଗାଁ କିମ୍ବା ପଡାଲୋକଙ୍କୁ ହାରିଗୁହାରି କରି ବାଇକ୍‌ରେ ନୂଆପଡ଼ା ୨୦ କିଲୋମିଟର ଯାଇ ଇଣ୍ଡିଆନ ବ୍ୟାଙ୍କରୁ ଭତ୍ତା ଟଙ୍କା ଉଠାଣ କରି ଆଣୁଥିଲେ। ୫ଶହ ଟଙ୍କାରୁ ୨ ଶହ ଟଙ୍କାରେ ପେଟ୍ରୋଲ ଓ ଅନ୍ୟାନ୍ୟ ଖର୍ଚ୍ଚ ହେଉଥିଲା, ୩ ଶହ ଟଙ୍କା ପାଉଥିଲେ। ୩ ଶହ ଟଙ୍କାରେ କଷ୍ଟରେ ଚଳୁଥିଲେ। ୨୦ କିଲୋମିଟର ଦୂର ବ୍ୟାଙ୍କକୁ ଯାଇ ଟଙ୍କା ଉଠାଣ କରି ଆଣିବା ବହୁତ କଷ୍ଟକର ହେଉଛି। ହାତରେ ଭତ୍ତା ଟଙ୍କା ଦିଆଯାଉ ବୋଲି ଅନେକ ଥର ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଗୁହାରୀ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ତାଙ୍କ ହାତର ରେଖା ଚିହ୍ନ ସ୍ପଷ୍ଟ ଆସୁ ନ ଥିବାରୁ ଆକାଉଣ୍ଟରେ ଟଙ୍କା ପଡୁଛି କି ନାହିଁ ଜଣାପଡୁ ନାହିଁ। ୨୦୨୩ ସେପ୍ଟେମ୍ବରରୁ ଟଙ୍କା ଉଠାଣ ହୋଇ ନାହିଁ। ବର୍ତ୍ତମାନ ତାଙ୍କ ଅବସ୍ଥା ଠିକ୍ ନାହିଁ। ବାମହାତ କାମ କରୁ ନାହିଁ। ଠିକ୍ ଭାବରେ ଚାଲିପାରୁ ନାହାନ୍ତି କିମ୍ବା ବସିପାରୁ ନାହାନ୍ତି। ତାଙ୍କ ଘର ପାଖରେ ଥିବା ରାଜାରାମ ଦୁରିଆ, ଲଛମନ ଦୁରିଆ, କେଶବ ଦୁରିଆଙ୍କ ପରିବାର ଲୋକେ ଖାଇବାକୁ ଦେଲେ ଖାଆନ୍ତି। ନ ହେଲେ ଭୋକ ଉପବାସରେ ଘରେ ପଡ଼ିରହନ୍ତି। ବୃଦ୍ଧାଙ୍କ ଭତ୍ତା ଟଙ୍କା ଆଣି ଯିବାରେ ଅସୁବିଧା ହେଉଛି । ତାଙ୍କୁ ହାତରେ ଟଙ୍କା ଦିଆଯାଉ ବୋଲି ଦାବି ହେଉଛି।


ବୃଦ୍ଧା ପଦ୍ମିନୀ ଦୁରିଆ।

## ଭାଜପା କ୍ଷମତାକୁ ଆସିଲେ ବିକଶିତ ଓଡ଼ିଶା ହେବ

ନୂଆପଡ଼ା,୭।୫ (ମକାରୁ ବେମାଲ)

ନୂଆପଡ଼ା ଜିଲା ଭାରତୀୟ ଜନତା ପାର୍ଟି (ଭାଜପା) କାର୍ଯ୍ୟାଳୟଠାରେ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭାଜପା ଜିଲା ସଭାପତି ସୁବ୍ରତ ଠାକୁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଭାଜପା ରାଜ୍ୟ ମୁଖପାତ୍ର ଅନୀଲ ବିଶ୍ୱାଳ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁନିତ ଅଗ୍ରୱାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ବିଧାନସଭା ପ୍ରଭାରୀ ଅଜିତ କିଶୋର ଚଲାନ, ଦେବଦେବ ସିଂଦେଓ, ସୁଶାନ୍ତ କୁମାର ପତି, କମଳେଶ ଦୀକ୍ଷିତ, ଗୋଡି ଅଗ୍ରୱାଲ, ସଞ୍ଜୟ ତିୱାରୀ ପ୍ରମୁଖ ଯୋଗଦେଇ ଭାଜପାର ସଂକଳ୍ପପତ୍ର ତଥା ରାଜ୍ୟ ସରକାରଙ୍କ ଅଭିଯୋଗପତ୍ର ଉନ୍ମୋଚନ କରିଥିଲେ। ପରେ ଏମ୍‌ପି ପଣ୍ଡା ରାଜ୍ୟ ସରକାରଙ୍କୁ ସମାଲୋଚନା କରି ବର୍ଷିଥିଲେ। ଭାରତୀୟ ଜନତା ପାର୍ଟିର ୧୦ ବର୍ଷ ଶାସନରେ କୌଣସି ଗରିବ ମାଟି ଘରେ ରହିବେ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯିବ,ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ସବୁ ପକ୍କା ରାସ୍ତା, ଦୁଇ ଟିକିଆ ରାସ୍ତା ୪ ଟିକିଆ ରାସ୍ତାରେ ପରିଣତ, ୪ ଟିକିଆ ରାସ୍ତା ୬ ଟିକିଆ ରାସ୍ତାରେ ପରିଣତ କରାହେବ। ବେକାରୀଙ୍କୁ ନିଯୁକ୍ତି, ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି, ରେଳପଥ ଉନ୍ନତିକରଣ ଇତ୍ୟାଦି ଉପରେ ବିଶେଷ ଧ୍ୟାନ ଦିଆଯିବ। ଓଡ଼ିଶାରେ ଭାଜପା ଶାସନକୁ ଆସିଲେ ବିକାଶ ଦୁଇଗୁଣ ହୋଇଯିବ ଓ ବିକଶିତ ଓଡିଶାରେ ପରିଣତ ହେବ ବୋଲି ଖବରଦାତା ସମ୍ମିଳନୀରେ ପଣ୍ଡା ସୂଚନା ଦେଇଥିଲେ।


ଭାଜପାର ସଂକଳ୍ପପତ୍ର ଉନ୍ମୋଚନ କରାଯାଉଛି।

## ସଂକ୍ଷେପରେ

### କଫ ସିରପ୍ ଜବତ, ୨ ଗିରଫ



**ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ଥାନା ପୋଲିସ କଫ ସିରପ୍ କାରବାରରେ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ. ୪ ତଳିପଡ଼ାର ଅଶୋକ ବେହେରା (୩୬) ଏବଂ ୱାର୍ଡ଼ ନଂ. ୭ ନୂଆପଡ଼ାର ରାଜେଶ ବାରିକ(୨୪)। ସେମାନଙ୍କ ପାଖରୁ ୧୯୭ ବୋତଲ ନିଷିଦ୍ଧ କଫ ସିରପ୍, ୧୫ବୋତଲ ଅପମିଶ୍ରିତ କଫ ସିରପ୍, ୩୦ଟି ନିଶା ବଟିକା, ଗୋଟିଏ ମୋବାଇଲ ଏବଂ ଗୋଟିଏ ବ୍ୟବହୃତ ବାଇକ୍ (ନ. ଓଡ଼ି୧୭ଡି ୦୮୮୬) ଜବତ ହୋଇଛି। ଏ ନେଇ ଅମ୍ବାଭୋନା ଥାନା ପୋଲିସ ଏକ ମାମଲା (ନଂ. ୯୫/୨୪) ରୁଜୁ କରି ଅଧିକ ତଦନ୍ତ କରୁଛି। ଅଭିଯୁକ୍ତମାନେ ଜବତ ବାଇକ୍ ଯୋଗେ କଫ ସିରପ୍ ଏବଂ ନିଶା ବଟିକା ଚାଲାଣ କରୁଥିବା ସମ୍ପର୍କରେ କୌଣସି ସୂତ୍ରରୁ ସୂଚନା ପାଇ ପୋଲିସ ଅମ୍ବାଭୋନା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛକ ନିକଟରେ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା ଏବଂ ଏହି ସଫଳତା ପାଇଥିଲା।

### ଚୋରି ମାମଲାର ଅଭିଯୁକ୍ତ ଗିରଫ

**ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସହରରେ ରହିଥିବା ଏକ ମେଡ଼ିକାଲ ଷ୍ଟୋର ମାଲିକଙ୍କ ଲକ୍ଷାଧିକ ଟଙ୍କା ଏବଂ ସେଠାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ବାଇକ୍ ଚୋରି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ମନୋରଞ୍ଜନ ମଲ୍ଲିକ ବୋଲି ଜଣାପଡ଼ିଛି। ତାଙ୍କଠାରୁ ନଗଦ ୩ ଲକ୍ଷ ୧୪ହଜାର ଟଙ୍କା ଜବତ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି। ପ୍ରକାଶ ଯେ, ଗତ ମାସ ୨୪ ତାରିଖରେ ଉପରୋକ୍ତ ମେଡ଼ିକାଲ ଷ୍ଟୋରରେ କାର୍ଯ୍ୟରତ କର୍ମଚାରୀ ତଥା ଅଭିଯୁକ୍ତ ମନୋରଞ୍ଜନ ଦୋକାନ ମାଲିକଙ୍କ ନଗଦ ୫ ଲକ୍ଷ ୭୫ ହଜାର ଟଙ୍କା ଏବଂ ଦୋକାନରେ କାର୍ଯ୍ୟରତ ଅନ୍ୟଜଣେ କର୍ମଚାରୀଙ୍କ ବାଇକ୍ ଚୋରି କରି ନେଇ ଫେରାର ହୋଇଥିଲେ। ଏ ନେଇ ବରଗଡ଼ ଟାଉନ ଥାନାରେ ଏତଲା ଦିଆଯାଇଥିଲା। ଉକ୍ତ ଏତଲାକୁ ଆଧାର କରି ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିଥିଲା। ଏହା ସହିତ ଅଭିଯୁକ୍ତ ମନୋରଞ୍ଜନଙ୍କୁ ବଲାଙ୍ଗୀରରୁ ଗିରଫ କରିବାରେ ସକ୍ଷମ ହୋଇଥିଲା।



ଜବତ ଟଙ୍କା।

# ପ୍ରସଙ୍ଗଭିତ୍ତିକ ନିର୍ବାଚନ ପାଇଁ ଚାଷୀଙ୍କ ଆହ୍ୱାନ

ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ)



ଭେଡ଼େନରେ ଅନୁଷ୍ଠିତ ଜିଲା କୃଷକ ସଙ୍ଗଠନର ବୈଠକ।



ଚିଚିଣ୍ଡା ଗ୍ରାମରେ ଚାଷୀମାନେ ସଙ୍ଗଠନର ପ୍ରଚାରପତ୍ର ଦେଖାଉଛନ୍ତି।

- ପ୍ରାର୍ଥୀଙ୍କ ପ୍ରଚାରବେଳେ ଚାଷୀଙ୍କ ରଣନୀତି
- ଗାଁ ଗାଁରେ ଚାଲିଛି ସଚେତନତା ସଭା, ସମିତି
- ୯ରେ ଚାଷୀଙ୍କ ବିଶାଳ ବାଇକ୍ ଶୋଭାଯାତ୍ରା
- ଶାସକ ବିରୋଧୀ ଜନମତ ବଢ଼ିବା ଆଶଙ୍କା

ବରଗଡ଼ ଏକ କୃଷିପ୍ରଧାନ ଜିଲା। ଏହି ଜିଲାର ୮୦%ରୁ ଅଧିକ ଲୋକେ କୃଷିକାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି। ଫଳରେ ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍ ହେଉ କିମ୍ବା ସାଧାରଣ ନିର୍ବାଚନ ସବୁଥିରେ ଜିଲାର କୃଷକମାନେ ହିଁ ନିର୍ଣ୍ଣାୟକ ଭୂମିକା ନେଇଥାନ୍ତି। ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ଜିଲାର କୃଷକମାନଙ୍କ ସେଭଳି ଭୂମିକା ରହିବ, ଏଥିରେ ସନ୍ଦେହ ନାହିଁ। ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ଦଳୀୟ, ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟ୍ ହାତେଇବାକୁ ଯେଭଳି ପ୍ରଚାରକୁ ବାହାରିଛନ୍ତି, ଅନୁରୂପ ଭାବେ ଜିଲାର ସଂଯୁକ୍ତ କୃଷକ ସଙ୍ଗଠନ ପ୍ରସଙ୍ଗ ଭିତ୍ତିକ ନିର୍ବାଚନ ପାଇଁ ଆହ୍ୱାନ ଦେଇଛି।

ଏହି କ୍ରମରେ ସଙ୍ଗଠନ ପକ୍ଷରୁ ଗାଁକୁ ଚାଲ ଅଭିଯାନ ଚାଲିଥିବାବେଳେ ଗୁରୁବାରରୁ ବାଇକ୍ ଶୋଭାଯାତ୍ରାରେ ସଚେତନତା କାର୍ଯ୍ୟକ୍ରମ ରହିଛି। ଜିଲାର ଅତାବିରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଭେଡ଼େନ ବ୍ଲକରୁ ଶୋଭାଯାତ୍ରା ବାହାରି ଅତାବିରା, ବରଗଡ଼ ଏବଂ ବରପାଲି ବ୍ଲକ ପରିକ୍ରମା କରିବ। ସେହିପରି ଶୋଭାଯାତ୍ରା ସରିବା ପରେ ବିଭିନ୍ନ ନିର୍ବାଚନମଣ୍ଡଳୀର ଗ୍ରାମଗୁଡ଼ିକୁ ଯାଇ ସଭା, ସମିତି କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ସଙ୍ଗଠନ ପକ୍ଷରୁ ପ୍ରଚାରପତ୍ର ବଣ୍ଟନ କରାଯାଉଛି ଏବଂ ପ୍ରଚାରପତ୍ରରେ ଜିଲାରେ ରହିଥିବା ପ୍ରମୁଖ ଚାଷୀ ସମସ୍ୟା ସମୂହ ଉଲ୍ଲେଖ ରହିଛି।

ସ୍ୱାମୀନାଥନ କମିଶନ ସୁପାରିସ ଭିତ୍ତିରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି)କୁ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ବୃଦ୍ଧି ପାଇଁ ଦୀର୍ଘବର୍ଷ ଧରି କୃଷକ ସଙ୍ଗଠନଗୁଡ଼ିକ ଦାବି କରି ଆସୁଛନ୍ତି। ମାତ୍ର ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନ ଥିବାବେଳେ ଧାନର ଏମ୍ଏସ୍ପି କୁଇଣ୍ଟାଲ ପ୍ରତି ୪ ହଜାର ଟଙ୍କା କରିବାକୁ ପ୍ରଚାରପତ୍ରରେ ଦାବି କରାଯାଇଛି। ଏହା ସହିତ କୁଇଣ୍ଟାଲ ପ୍ରତି ଚାଷୀଙ୍କୁ ୧ ହଜାର ଟଙ୍କା ଲେଖାଏଁ ପ୍ରଦାନ, ଚାଷୀଙ୍କୁ ମାସିକ ୩ ହଜାର ଟଙ୍କା ଲେଖାଏଁ ପ୍ରଦାନ, କଟନୀ ଛଟନୀ ବନ୍ଦ କରି ଠିକ୍ଭାବେ ଧାନ କିଣାବିକା କରିବାକୁ ଦାବି ହୋଇଛି। ସେହିପରି ସରକାର ପୁଞ୍ଜିପତିମାନଙ୍କର କୋଟି କୋଟି ଟଙ୍କା ଋଣଛାଡ଼ କରୁଥିବାବେଳେ ଦିନକୁ ଦିନ ଚାଷୀଙ୍କ ଜୀବନ ଦୁର୍ବିଷହ ହୋଇପଡୁ ଥିବା ସତ୍ତ୍ୱେ କୃଷିଋଣ ସରକାର ଛାଡ଼ କରୁନାହାନ୍ତି। ଫଳରେ କୃଷିଋଣ ଛାଡ଼ କରିବାକୁ ମଧ୍ୟ ସଙ୍ଗଠନ ଦାବି କରିଛି। କୃଷିକ୍ଷେତ୍ରକୁ ପାଣି ଅପହଞ୍ଚ ହୋଇ ଚାଷକାର୍ଯ୍ୟ ପ୍ରଭାବିତ ହେଉଥିବା ଯୋଗୁ ସବୁ ଚାଷଜମିକୁ ପର୍ଯ୍ୟାପ୍ତ ପରିମାଣରେ ପାଣି ଯୋଗାଣ, କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ, ଉଚିତ୍ ମୂଲ୍ୟରେ ଜଙ୍ଗଲଜାତ ଦ୍ରବ୍ୟ କିଣାବିକା ବ୍ୟବସ୍ଥା କରିବା, ବିଦ୍ୟୁତ ବିଲ ଛାଡ଼, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କୃଷିକ୍ଷେତ୍ରକୁ ସାମିଲ କରିବାକୁ ମଧ୍ୟ ଦାବି ହୋଇଛି। ସେହିପରି ବେକାରିଙ୍କୁ ନିଯୁକ୍ତି, ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା ଯୋଗାଇବାକୁ ସଙ୍ଗଠନ ଦାବି କରିଛି। ସଂଯୁକ୍ତ କୃଷକ ସଂଗଠନ ଉପରୋକ୍ତ ସମସ୍ୟା, ଦାବିସମୂହକୁ ପ୍ରସଙ୍ଗ ରଖି ଗାଁ ଗାଁକୁ ପହଞ୍ଚୁଛି। ଚାଷୀ ସମସ୍ୟାର ସମାଧାନ ଦିଗରେ ଗୁରୁତ୍ୱ ଦେଉ ନ ଥିବା ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ ବଦଳରେ ନୋଟା (ନନ୍ ଅଫ୍ ଦ ଏବଭ୍)ରେ ଭୋଟ୍ ଦେବା ପାଇଁ ସଚେତନ କରାଯାଉଛି। ମତଦାନ ପୂର୍ବରୁ ସଂଯୁକ୍ତ କୃଷକ ସଙ୍ଗଠନର ଏଭଳି କାର୍ଯ୍ୟକ୍ରମ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ପାଇଁ ଅଡୁଆ ସାଜିଛି। ଏଭଳି କାର୍ଯ୍ୟକ୍ରମ ମୁଖ୍ୟତଃ ଶାସକ ବିରୋଧୀ ଜନମତ ସୃଷ୍ଟି କରିବ ବୋଲି ରାଜନୈତିକ ସମୀକ୍ଷକମାନେ କହୁଛନ୍ତି। ସେହିପରି ଆସନ୍ତା ୧୦ ତାରିଖରୁ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ଏବଂ ୨୦ ତାରିଖରେ ମତଦାନ ଥିବାବେଳେ ଏହାର ଅବ୍ୟବହିତ ପୂର୍ବରୁ କୃଷକଙ୍କ ଏଭଳି କାର୍ଯ୍ୟକ୍ରମ ନିର୍ବାଚନରେ ନିଶ୍ଚିତ ଭାବେ ପ୍ରଭାବ ପକାଇବ ବୋଲି ସାଧାରଣରେ ଆଲୋଚନ ହେଉଛି।

## ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ ଆଣିଲେ ପରିବାର

ବରପାଲି,୭।୫(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲି ନିକଟସ୍ଥ କାଇଁଶିର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ଏହାକୁ ଏକ ହତ୍ୟା ବୋଲି ପରିବାରବର୍ଗ ଅଭିଯୋଗ ଆଣିଛନ୍ତି। ମୃତକ ହେଲେ କାଇଁଶିର ଗ୍ରାମର ସଦାନନ୍ଦ ଭୋଇ (୪୫)। ଘଟଣାରୁ ପ୍ରକାଶ ଯେ, କାଇଁଶିର ଗ୍ରାମର ସଦାନନ୍ଦ ଗ୍ରାମରେ ଏକ ପାନ ଓ ଅଣ୍ଡା ଦୋକାନ କରିବା ସହ ଅଳ୍ପ ଜମି ଚାଷ କରି ପରିବାର ପୋଷଣ କରୁଥିଲେ। ପରିବାର ଲୋକଙ୍କ କହିବା ଅନୁସାରେ ସଦାନନ୍ଦ ସୋମବାର ସନ୍ଧ୍ୟା ପ୍ରାୟ ୫ଟାରେ ଧାନ ବିଲକୁ ପାଣି ଦେଖି ଯାଉଛି କହି ଘରୁ ଯାଇଥିଲେ। ବିଳମ୍ବିତ ରାତ୍ର ଯାଏଁ ନ ଫେରିବାରୁ ପରିବାର ଲୋକେ ଆଖପାଖ ଅଞ୍ଚଳରେ ଖୋଜା ଖୋଜି କରିଥିଲେ। କାଇଁଶିରପାଟ କୁଲୁଣ୍ଡା ରାସ୍ତା ରାଞ୍ଜି ନଦୀ କୂଳରେ ଏକ ଗଛରେ ସଦାନନ୍ଦଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ବରପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ସନ୍ଧାନି କୁକୁର ସହାୟତାରେ ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ପରିବାର ଲୋକେ ଏହା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଗ୍ରାମର କେତେଜଣଙ୍କ ନାମରେ ବରପାଲି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସନ୍ଦେହରେ ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ଥାନାରେ ପଚରାଉଚରା କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବରଗଡ ପଠାଇଛି।



ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ରାମଲୀଳା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି ।

## ରାମଲୀଳା ମହୋତ୍ସବର ଶୁଭାରମ୍ଭ

ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ମଙ୍ଗଳବାରରୁ ଶ୍ରୀରାମଲୀଳା ଯାତ୍ରା ଶୁଭାରମ୍ଭ ହୋଇଛି। ଅପରାହ୍ନ ସମୟରେ ଶିଶୁମାନେ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ଭୂମିକାରେ ଅଭିନୟ କରି ନଗର ଭ୍ରମଣ କରିଥିଲେ। ଗ୍ରାମରେ ଘରେ ଘରେ ସେମାନଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ରାମ ଭୂମିକାରେ ଶ୍ରେୟାଂଶ ମହାନ୍ତି, ଲକ୍ଷ୍ମଣ ଭୂମିକାରେ ସାଇ ଅଂଶୁମାନ ମିଶ୍ର, ସୀତା ଭୂମିକାରେ ଦେବାଂଶୀ ଆଚାର୍ଯ୍ୟ ଏବଂ ହନୁମାନ ଭୂମିକାରେ ପ୍ରତ୍ୟୁଷ ମିଶ୍ର ଅଭିନୟ କରିଥିଲେ। ଯାତ୍ରା ପରିଚାଳନା କମିଟି ସଭାପତି ତଥା ସରପଞ୍ଚ ରମେଶ ସାହୁଙ୍କ ସମେତ ଶତାଧିକ ଗ୍ରାମବାସୀ ଶୋଭାଯାତ୍ରାରେ ସାମିଲ ଥିଲେ। ସାଂସ୍କୃତିକ ବିଭାଗର ମୁଖ୍ୟ ନିତ୍ୟାନନ୍ଦ ସାହୁ, ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ସାହୁ, ପ୍ରହଲ୍ଲାଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ସମ୍ମିଳନୀରେ ସଂକଳ୍ପ ନେଲେ ବିଜେଡି କର୍ମୀ



ଟେମେରୀଠାରେ ବିଜେଡିର କର୍ମୀ ସମ୍ମିଳନୀ।

ପଦ୍ମପୁର,୭।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ନିର୍ବାଚନମଣ୍ଡଳୀ ପାଇକମାଲ ବ୍ଲକ ଅନ୍ତର୍ଗତ ଟେମରୀ ପଞ୍ଚାୟତରେ ବିଜେଡି ଯୁବ ନେତା ଭୋଜରାଜ ସିଂ ବରିହାଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଭାରେ ଆଗାମୀ ସାଧାରଣ ନିର୍ବାଚନରେ ପଦ୍ମପୁର ବିଧାନସଭା ବିଜେଡି ପ୍ରାର୍ଥୀନୀ ବର୍ଷା ସିଂ ବରିହା ଓ ବରଗଡ ଲୋକ ସଭା ପ୍ରାର୍ଥିନୀ ପରିଣୀତା ମିଶ୍ର କିପରି ପୂର୍ବ ଅପେକ୍ଷା ଅଧିକ ଭୋଟରେ ବିଜୟୀ ହେବେ, ତା ଉପରେ ଆଲୋଚନା ହୋଇଥିଲା। ସମସ୍ତେ ୱାର୍ଡ଼ଠାରୁ ଆରମ୍ଭ କରି ଗ୍ରାମ ସହର ପର୍ଯ୍ୟନ୍ତ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ବିକାଶର ବାର୍ତ୍ତା ଦେଇ ନିଜ ଦଳ ସପକ୍ଷରେ ଭୋଟ ଆଣିବା ପାଇଁ ବହୁ ବରିଷ୍ଠ କର୍ମୀ ମତ ସହ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ ନିର୍ବାଚନ ମଣ୍ଡଳୀ ସଂଯୋଜକ ରାଜୁ ଘିବେଲା, ପାଇକମାଲ ବ୍ଲକ ପୂର୍ବତନ ଅଧକ୍ଷ ଅଲତାଫ ମହମ୍ମଦ, ବୁଲୁ ନାୟକ, ମୁନା ନାୟକଙ୍କ ସମେତ ଶତାଧିକ ସକ୍ରିୟ କର୍ମୀ ଯୋଗଦେଇ ରଣହୁଙ୍କାର ଦେବା ସହ ନିଜ ଦଳର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ସଂକଳ୍ପ ନେଇଥିଲେ।

# ଆଜି ବରଗଡ଼ ଆସୁଛନ୍ତି ପାଣ୍ଡିଆନ

ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ)

- ୫ ନିର୍ବାଚନମଣ୍ଡଳୀରେ କାର୍ଯ୍ୟକ୍ରମ
- ବରଗଡ଼ ସହରରେ ହେବ ରୋଡ୍ ଶୋ'

ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନଙ୍କ ବୁଧବାର ବରଗଡ଼ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ତାଙ୍କ ଗସ୍ତ କାର୍ଯ୍ୟକ୍ରମ ଅନୁଯାୟୀ, ସେ ହେଲିକ୍ୟାପ୍ଟର ଯୋଗେ ଆସି ପୂର୍ବାହ୍ନ ୧୦ଟା ୪୦ମିନିଟରେ ପଦ୍ମପୁର ସତୀଭଟା ଏୟାରଷ୍ଟ୍ରିପରେ ଓହ୍ଲାଇବେ। ସେଠାରୁ ପାଣ୍ଡିଆନ ପୂର୍ବରୁ ରହିଥିବା ଅନ୍ୟ ଏକ ହେଲିକ୍ୟାପ୍ଟର ଯୋଗେ ପଦ୍ମପୁର ଅଶୋକ ପଡ଼ିଆରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ଼ରେ ପୂର୍ବାହ୍ନ ୧୧ଟାରେ ପହଞ୍ଚିବେ ଏବଂ ସ୍ଥାନୀୟ ରାଜବୋଡ଼ାସମ୍ବର ହାଇସ୍କୁଲ ପଡ଼ିଆରେ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେବେ। ସେହି କାର୍ଯ୍ୟକ୍ରମ ସରିବା ପରେ ପୂର୍ବାହ୍ନ ୧୧ଟା ୪୦ମିନିଟରେ ହେଲିକ୍ୟାପ୍ଟର ଯୋଗେ ବିଜେପୁର ଅଭିମୁଖେ ବାହାରିବେ ଏବଂ ମଧ୍ୟାହ୍ନ ୧୨ଟାରେ ଏମ.ଗଣ୍ଡପାଲିସ୍ଥିତ ଷ୍ଟାଡ଼ିୟମରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍ରେ ଓହ୍ଲାଇ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବେ। ସେଠାରେ ମଧ୍ୟାହ୍ନ ୧୨ଟା ୪୦ ମିନିଟରେ ସଭା ସମାପନ ହେବ। ସେହିପରି ଅପରାହ୍ନ ୩ଟା ୪୦ମିନିଟ୍ରୁ ଏମ. ଗଣ୍ଡପାଲିସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍ରୁ ହେଲିକ୍ୟାପ୍ଟର ଯୋଗେ ପାଣ୍ଡିଆନ ଅତାବିରା ନିର୍ବାଚନମଣ୍ଡଳୀର ଭେଡ଼େନ ରଣଜିତା ଷ୍ଟେଡ଼ିୟମସ୍ଥିତ ଅସ୍ଥାୟୀ ହେଲିପ୍ୟାଡ଼ ଅଭିମୁଖେ ବାହାରିବେ। ଅପରାହ୍ନ ୪ଟାରେ ସେଠାରେ ପହଞ୍ଚିବେ ଏବଂ ନିର୍ବାଚନୀ ସଭାରେ ଉଦବୋଧନ ଦେବେ। ସେଠାରେ କାର୍ଯ୍ୟକ୍ରମ ସାରି ଅପରାହ୍ନ ୪ଟା ୪୦ମିନିଟରେ ପୁଣି ହେଲିକ୍ୟାପ୍ଟର ଯୋଗେ ଭଟଲି ନିର୍ବାଚନମଣ୍ଡଳୀର ସୋହେଲା ବ୍ଲକ ଅନ୍ତର୍ଗତ ହଲଦିପାଲିସ୍ଥିତ ଅସ୍ଥାୟୀ ହେଲିପ୍ୟାଡ଼ ଅଭିମୁଖେ ବାହାରିବେ ଏବଂ ସେଠାକାର ନିର୍ବାଚନୀ ସଭାରେ ଉପସ୍ଥିତ ଜନତାଙ୍କୁ ଉଦବୋଧନ ଦେବେ। ସେଠାରେ କାର୍ଯ୍ୟକ୍ରମ ସରିବା ପରେ ଅପରାହ୍ନ ୫ଟା ୩୫ମିନିଟରେ ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆ ଅଭିମୁଖେ ବାହାରି ଅପରାହ୍ନ ୫ଟା ୫୦ମିନିଟ୍ରେ ପହଞ୍ଚିବେ। ସନ୍ଧ୍ୟା ସାଢ଼େ ୬ଟାରେ ବରଗଡ଼ ସହରରେ ପାଣ୍ଡିଆନଙ୍କ ରୋଡ୍ ଶୋ' କାର୍ଯ୍ୟକ୍ରମ ଥିବାବେଳେ ରାତିରେ ବରଗଡ଼ର ଲା ଫ୍ଲୋରା ଇକୋ ଗେଷ୍ଟହାଉସରେ ରାତ୍ରି ରହଣୀ କାର୍ଯ୍ୟକ୍ରମ ରହିଛି।

## ନିଶା ଇଞ୍ଜେକସନ, ଟାବଲେଟ ଜବତ: ଜଣେ ଗିରଫ

**ପଦ୍ମପୁର,୭।୫(ପ୍ରଦୀପ୍ତ ଦାଶ):** ବେଆଇନ ନିଶା ଦ୍ରବ୍ୟ ପ୍ରତି ଦୃଷ୍ଟି ରଖି ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟହ ସୀମାନ୍ତରେ ଯାଞ୍ଚ କଡାକଡି କରାଯାଉଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଗାଇସିଲଟ ପଦ୍ମପୁର ରାସ୍ତା ଗଡ଼ଭାଟି ଛକଠାରେ ବାଇକ୍ ଅଟକ ରଖି ତଲାସି କରିଥିଲେ। ବାଇକ୍ ଚାଳକଙ୍କଠାରୁ ୧୪ଶହ ପେଣ୍ଟାଯୋସିନ ଇଞ୍ଜେକସନ, ୧୦ ହଜାର ନାଇଟ୍ରୋସେନ ଟାବଲେଟ୍, ୫୨ ବୋତଲ କଫ ସିରପ୍ ସହ ବାଇକ ଜବତ କରିଥିଲେ। ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ପରେଶ ବେହେରା, ତାଲପାଲିର ମନୋଜ ବାଜପେୟୀ, ଅଡାପାଣିର ହେମନ୍ତ ହଂସଙ୍କୁ ପୋଲିସ କୋର୍ଟ ଚଲାଣ କରିଛି।

# ପାଇକମାଲ ମଣ୍ଡଳରେ ଗୋବର୍ଦ୍ଧନ ଭୋଏଙ୍କ ଜୋର୍‌ଦାର ପ୍ରଚାର

ପଦ୍ମପୁର,୭।୫(ପ୍ରଦୀପ୍ତ ଦାଶ)

ପଦ୍ମପୁର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ ପାଇକମାଲ ମଣ୍ଡଳରେ ନିଜର ନିର୍ବାଚନ ପ୍ରଚାରକୁ ଜୋରଦାର କରିଛନ୍ତି। ଭୁବନେଶ୍ୱରପୁର ପଞ୍ଚାୟତ କପିଳାସପୁର, ଭୁବନେଶ୍ୱରପୁର, ଯୋଗିନ୍ଦ୍ରନାଥପୁର, ଗୋପପୁର, ରଥିପୁର, ରାମପୁର ଏବଂ ଛେତଗାଁ ପଂଚାୟତର କୁତ୍ରାମାଲ, ଘୁଚାପାଲି, ଛେତଗାଁ, ପରସଖଣ୍ଡି, ବ୍ରାହ୍ମଣଡ଼ିହିରେ ନରେନ୍ଦ୍ର ମୋଦିଙ୍କ ସୁଶାସନ ଏବଂ ଜନହିତକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ପୁଣି ଥରେ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ଭୋଟ ଦେଇ ବିଜୟୀ କରାଇବା ଏବଂ ତାଙ୍କ ଜନହିତକାରୀ ଯୋଜନାକୁ ଗାଁ ଗାଁରେ ପହଞ୍ଚାଇବା ପାଇଁ ଓଡିଶାରେ ଡବଲ ଇଞ୍ଜିନ ସରକାର ପାଇଁ ପଦ୍ମଫୁଲ ଚିହ୍ନରେ ଭୋଟ ଦେବାକୁ ଆଶୀର୍ବାଦ ଭିକ୍ଷା ମାଗିଲେ। ମଣ୍ଡଳ ସଭାପତି କୈଳାଶ ଦିଶ୍ରୀ, ସୁଶାନ୍ତ ନାଗ, ସୁରେନ୍ଦ୍ର ସିଂ ବରିହା, ତ୍ରିପୁରା ବରିହା, ରୋଶନ ପାଣିଗ୍ରାହୀ, ଅଜିତ ସାହୁ, ଏମଡି ରାଜା, ପିଣ୍ଟୁ ଭୋଇ ପ୍ରମୁଖ କାର୍ଯ୍ୟ କର୍ତ୍ତା ପ୍ରଚାରରେ ସାମିଲ ଥିଲେ।



ପାଇକମାଲ ବ୍ଲକରେ ଗୋବର୍ଦ୍ଧନ ଭୋଏଙ୍କ ପ୍ରଚାର।

# ଆଚରଣବିଧି ଅନୁପାଳନକୁ ଗୁରୁତ୍ୱ

### ପ୍ରାର୍ଥୀଙ୍କୁ ପର୍ଯ୍ୟବେକ୍ଷଙ୍କ ତାଲିମ

ବରଗଡ଼,୭।୫(ପ୍ରେମାନନ୍ଦ ଖମାରୀ




ପ୍ରାର୍ଥୀଙ୍କୁ ପର୍ଯ୍ୟବେକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ।

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସାଧାରଣ, ପୋଲିସ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ଚଳିତ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ବରଗଡ଼ ଜିଲାର ସମସ୍ତ ପ୍ରାର୍ଥିମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଆଦର୍ଶ ଆଚରଣ ବିଧି ଅନୁପାଳନ କରିବା ସହିତ ନିର୍ବାଚନ ଖର୍ଚ୍ଚର ଠିକ ଭାବେ ଡକ୍ୟୁମେଣ୍ଟେଶନ କରିବା, ସାଧାରଣ ସଭା, ରାଲି ଆୟୋଜନ କରିବା ପୂର୍ବରୁ ପ୍ରଶାସନିକ ଅନୁମତି ନେବା, ଗଣମାଧ୍ୟମରେ ନିଜ ପ୍ରଚାର, ପ୍ରଚାର କରିବା ପୂର୍ବରୁ ଏମସିଏମସିରେ ଆବେଦନ କରିବା ଏବଂ ହୋର୍ଡ଼ିଂ ପାମ୍ଫଲେଟ୍ ଆଦି ମୁଦ୍ରଣ ସମୟରେ ଅବଲମ୍ବନ କରିବାକୁ ଥିବା ସତର୍କତା ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏତଦବ୍ୟତୀତ ଉପସ୍ଥିତ ପ୍ରାର୍ଥିଙ୍କ ଅଭିଯୋଗ ଗୁଡ଼ିକୁ ଶୁଣିବା ସହିତ ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ସମସ୍ତ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଜାରି କରାଯାଇଥିବା ମୋବାଇଲ ନମ୍ବର କିମ୍ବା ସେମାନଙ୍କୁ ବ୍ୟକ୍ତିଗତଭାବେ ସାକ୍ଷାତ କରିବା କିମ୍ବା ସି–ଭିଜିଲ ଆପ୍ରେ ଅଭିଯୋଗ କରିବାକୁ ସୂଚନା ଦିଆଯାଇଥିଲା । ଜିଲାରେ ସାଧାରଣ ନିର୍ବାଚନକୁ ତ୍ରୁଟିଶୂନ୍ୟ, ମୁକ୍ତ ଏବଂ ନିରପେକ୍ଷଭାବେ ସମାପନ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ତାଲିମ କାର୍ଯ୍ୟରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲ, ସାଧାରଣ ପର୍ଯ୍ୟବେକ୍ଷକ ଗିରିୱାର ଦୟାଲ ସିଂ, ଜେ, ମଞ୍ଜୁନାଥ, ପୋଲିସ ପର୍ଯ୍ୟବେକ୍ଷକ ମୋଦକ ରାଜେଶ ଡି. ରାଓଙ୍କ ସମେତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶଶିକାନ୍ତ ସିଂ, ଗୌତମ ମହାକୁଳ, କ୍ରୀଷ୍ଣା ମୂର୍ତ୍ତି, ଜିଲାସ୍ତରୀୟ ଅଧିକାରୀ ଏବଂ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥିମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ନିର୍ବାଚନରେ ଟଙ୍କା ବାଣ୍ଟିବାକୁ କେନ୍ଦ୍ରକରି ମାରପିଟ

**ରାଉରକେଲା,୭।୫(ସଙ୍ଗୀତା ଜେନା):** ସେକ୍ଟର-୩ ଥାନା ଅନ୍ତର୍ଗତ ଶକ୍ତିନଗର ବିଶ୍ୱକର୍ମା ବସ୍ତିରେ ସୋମବାର ରାତିରେ ନାର୍ବାଚନରେ ଟଙ୍କା ବାଣ୍ଟିବାକୁ କେନ୍ଦ୍ର କରି ମାରପିଟ ହୋଇଥିଲା। ଏନେଇ ମଙ୍ଗଳବାର ସମ୍ପୃକ୍ତ ଥାନାରେ ମାମଲା ନଂ. ୯୩/୨୪ ରୁଜୁ ହୋଇଛି। ସୋମବାର ରାତିରେ ଅଭିଯୋଗକାରୀ ରାଜୁ ବାଗ(୨୭) ଘରକୁ ଫେରୁଥିବା ବେଳେ ରାଜନୈତିକ ଦଳର କର୍ମକର୍ତ୍ତା ଘର ପିଛା ଟଙ୍କା ବାଣ୍ଟିବା ପାଇଁ ମୂଲଚାଲ କରୁଥିଲେ। ଏହାର ବିରୋଧ କରିବାରୁ ତାଙ୍କୁ ମାଡପିଟ୍‌ର ଶୀକାର ହେବାକୁ ପଡିଥିଲା ବୋଲି ସେ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଛି।

### ତ୍ରିଶକ୍ତି ପୀଠର ବାର୍ଷିକ ଉତ୍ସବ

**ରାଉରକେଲା,୭।୫,(ଦିନେଶ ମିଶ୍ର):** ରାଉରକେଲା ହନୁମାନ ବାଟିକା ପରିସରରେ ଥିବା ତ୍ରିଶକ୍ତି ମନ୍ଦିରର ଅଷ୍ଟମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ସ୍ୱର୍ଗତ ମଞ୍ଜୁଦେବର ଓ କୈଳାସ ପାରେକରଙ୍କ ସ୍ମୃତିରେ ସୁନ୍ଦରାକାଣ୍ଡ ପାଠ ଓ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ମନ୍ଦିର ପରିସରରେ ଥିବା ଶ୍ୟାମବାବା, ରାନୀସତୀ ମନ୍ଦିର, ସାଲାସର ବାଲାଜୀଙ୍କ ଦରବାରକୁ ଫୁଲରେ ସଜ୍ଜିତ କରାଯାଇଥିଲା। କଲିକତାରୁ ଆସିଥିବା କାରିଗରଙ୍କ ଦ୍ୱାରା ବାବାଙ୍କ ଅଲୌକିକ ସିଙ୍ଗାର କରାଯିବା ସହିତ ଦୀପ ପ୍ରଜ୍ୱଳନ କରାଯାଇ ଛପନ ଭୋଗ ଠାକୁରଙ୍କୁ ଅର୍ପଣ କରାଯାଇଥିଲା। ରାଜସ୍ଥାନ ସାଲାସର ଧାମର ରସରାଜ ମହାରାଜ, ଅରବିନ୍ଦ ମହାରାଜଙ୍କ ମଣ୍ଡଳୀ ଦ୍ୱାରା ସୁନ୍ଦରାକାଣ୍ଡ ପାଠ କରାଯାଇଥିଲା। ପରେ ମନ୍ଦିର ଅନୁଷ୍ଠାନ ପକ୍ଷରୁ ହନୁମାନଙ୍କ ଝାଙ୍କି ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଏମ୍.କେ ରୋଡଲାଇନ୍ସ, ନୀତେଶ ପାରେକ, ଚିରାଗ ଖଣ୍ଡେୱାଲଙ୍କ ସହ ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ପ୍ରଚଣ୍ଡ ଖରାରେ ରାଉରକେଲାବାସୀ ତାଳ ସଜର ମଜା ନେଉଛନ୍ତି - (ଫଟୋ:ଦିନେଶ ମିଶ୍ର)

# ଡାଏଲିସିସ୍ ପାଇଁ ପ୍ରତିବନ୍ଧକ ସାଜୁଛି ଫିଷ୍ଟୁଲା ସର୍ଜରି

**ରାଉରକେଲା, ୭।୫(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସରକାରୀ ଡାକ୍ତରଖାନାରେ ଡାଏଲିସିସ୍ ଜନିତ ଫିଷ୍ଟୁଲା ସର୍ଜରି ହେଉନି। ସର୍ଜରି ଅଭାବରୁ ଦୀର୍ଘ ସମୟ ଧରି ରୋଗୀଙ୍କ ଡାଏଲିସିସ୍ ଓ ଚିକିତ୍ସା ହୋଇପାରୁନି। ଫଳରେ କିଡ୍‌ନୀ ରୋଗୀଙ୍କୁ ଆରଜିଏଚ୍‌ରୁ ବୁର୍ଲାକୁ ସ୍ଥାନାନ୍ତର କରାଯାଉଛି। ରାଉରକେଲା ସହର ସମେତ ପଡ଼ୋଶୀ ଝାଡ଼ଖଣ୍ଡ ଅଞ୍ଚଳର କିଡ୍‌ନୀ ରୋଗୀମାନେ ଆରଜିଏଚ୍ ଉପରେ ନିର୍ଭର କରିଥାନ୍ତି। ହେଲେ ଆରଜିଏଚ୍‌ରେ ଡାଏଲିସିସ୍ ବିଭାଗ ଭିତ୍ତିଭୂମି ସମ୍ପୂର୍ଣ୍ଣଭାବେ ଅସଜଡ଼ା। ଡାଏଲିସିସ୍ ପାଇଁ ଅତି ଆବଶ୍ୟକୀୟ ଫିଷ୍ଟୁଲା ସର୍ଜରି ମେଶିନ ସହ ଅନେକ ଜରୁରୀ ଯନ୍ତ୍ରପାତି ଲାଗି ପାରିନାହିଁ। ଡାଏଲିସିସ୍ ଭଳି ଏକ ଅତି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ନେଫ୍ରୋଲୋଜି ବିଶେଷଜ୍ଞ ଡାକ୍ତର ନାହାନ୍ତି। ବିଭାଗର ସମସ୍ତ ପ୍ରକାର ଦାୟିତ୍ୱ ଜଣେ ମାତ୍ର ଏମ୍‌ବିବିଏସ୍ ଡାକ୍ତର ଏବଂ ଟେକ୍ନିସିଆନ, ଷ୍ଟାଫନର୍ସଙ୍କ ଭରସାରେ ଚାଲିଛି। ଫଳରେ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆରଜିଏଚ୍‌ରେ ଫିଷ୍ଟୁଲା ସର୍ଜରି ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ଲାଗି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ସେପଟେ ରାହୀ କେୟାର ନାମକ ଏକ ସଂସ୍ଥାକୁ ଡାଏଲିସିସ୍‌ଜନିତ ଚିକିତ୍ସା ସେବା ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ସଂସ୍ଥାର ପରିଚାଳକ ରୂପେଶ ରଥଙ୍କୁ ପଚାରିବାରୁ, ଆରଜିଏଚ୍‌ରେ ନେଫ୍ରୋଲୋଜିଷ୍ଟ ନାହାନ୍ତି। ଫିଷ୍ଟୁଲା ସର୍ଜରି ମଧ୍ୟ ହେଉନାହିଁ। ରୋଗୀଙ୍କୁ ବୁର୍ଲାକୁ ସ୍ଥାନାନ୍ତର କରାଯାଉଛି। ସେଠାରେ ମଧ୍ୟ ଫିଷ୍ଟୁଲା ହେଉନାହିଁ। ଅଧିକ ଜଟିଳ ମାମଲା ହେଲେ କଟକ ଏବଂ ଭୁବନେଶ୍ୱର ଯାଉଛନ୍ତି ରୋଗୀ। ନଚେତ୍ ରାଞ୍ଚିକୁ ଯାଉଛନ୍ତି। ବୁର୍ଲାରେ ରୋଗୀ ପଏଣ୍ଟ କରି ଆସିଲା ପରେ ଆରଜିଏଚ୍‌ରେ ଡାଏଲିସିସ୍ ହୁଏ ବୋଲି ସେ କହିଥିଲେ। ଏନେଇ ଆରଜିଏଚ୍ ନିର୍ଦ୍ଦେଶକ ଡା. ଗଣେଶ ପ୍ରସାଦ ଦାସଙ୍କୁ ପଚାରିବାରୁ, ଡାଏଲିସିସ୍‌ଜନିତ ଫିଷ୍ଟୁଲା ସର୍ଜରି ନେଇ ସବିଶେଷ ପରାମର୍ଶ ନେବି ଓ ଆଗକୁ କିଭଳି ସମସ୍ୟାର ସମାଧାନ ହେବ ସେ ଉପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

**ଆର୍‌ଜିଏଚ୍‌ରେ ନାହିଁ ଆବଶ୍ୟକ ଭିତ୍ତିଭୂମି**




## ଭାଜପାରେ ସାମିଲ ହେଲେ ବିଜୁ ଛାତ୍ର ଜନତା ଦଳର ଜିଲା କାର୍ଯ୍ୟକାରୀ ସଭାପତି

**ରାଉରକେଲା,୭।୫(ବିପ୍ଳବ ରଞ୍ଜନ ଦାଶ)**

ରଘୁନାଥପାଲି ବିଧାନସଭା କ୍ଷେତ୍ର ଅନ୍ତର୍ଗତ ସେକ୍ଟର-୮ ଏ ବ୍ଲକ ଠାରେ ଭାଜପାର ଏକ ମିଶ୍ରଣ ପର୍ବ ମଣ୍ଡଳ ସଭାପତି ସନ୍ତୋଷ ବିରାଟଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ବିଜୁ ଛାତ୍ର ଜନତା ଦଳର ଜିଲା କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଆକାଶ ମାଝି ଶତାଧିକ ସମର୍ଥକଙ୍କ ସହ ଆସି ଭାଜପାରେ ସାମିଲ ହୋଇଥିଲେ। ରାଉରକେଲା ଓ ରଘୁନାଥପାଲି ବିଧାନସଭା କ୍ଷେତ୍ରରେ ଭାଜପାର ବଢୁଥିବା ଲୋକପ୍ରିୟତା ଏବଂ ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ ଓ ବିଧାୟକ ପ୍ରାର୍ଥୀ ଦିଲ୍ଲୀପଙ୍କ ବରିଷ୍ଠ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ଏବଂ ମୋଦୀଙ୍କ ରାଷ୍ଟ୍ରୀୟ ଚିନ୍ତାଧାରା ଉପରେ ଅନୁପ୍ରାଣିତ ହୋଇ ସେମାନେ ଦଳରେ ସାମିଲ ହୋଇଥିବା ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ଭାଜପା ବିଧାୟକ ପ୍ରାର୍ଥୀ ଦୁର୍ଗା ତନ୍ତୀ, ରାଜ୍ୟ ଉପ-ସଭାନେତ୍ରୀ ସୁକେଶୀ ଓରାମ,ବରିଷ୍ଠ ନେତା ବାବାଜୀ ଚରଣ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ରାଉରକେଲା ସଚେତନ ନାଗରିକ ମଞ୍ଚ ଦିଲୀପ ରାୟଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ ଓ ଆସ୍ଥା ପ୍ରକଟ କରି ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ତେବେ ଏନେଇ ମଞ୍ଚ ତରଫରୁ ମଙ୍ଗଳବାର ଏଫସିଆଇ କଲୋନୀର ଆମ୍ବେଦକର ବସ୍ତି, ପ୍ରଧାନପାଲି, ବନ୍ଧମୁଣ୍ଡା, ଗାନ୍ଧୀ ରୋଡ, କୋଏଲ ନଗର ଓ ନୟାବଜାର ଆଦି ଅଞ୍ଚଳରେ ପ୍ରଚାର କରି ଦିଲୀପ ଓ ଜୁଏଲଙ୍କ ପାଇଁ ଭୋଟଭିକ୍ଷା କରିଥିଲେ। ଏଥିରେ ମଞ୍ଚ ପକ୍ଷରୁ ବିମଲ ବିଶି, ପି ପି ରାୟ, ଜଗବନ୍ଧୁ ଜେନା, ମୀନତୀ ଦେବତା, ଉପେନ୍ଦ୍ର କୁମାର ନାୟକ,ଶଶଧର ପାତ୍ର, ଜଗନ୍ନାଥ ରାଉତ, ଗଙ୍ଗାଧର ଦାଶ ପ୍ରମୁଖଙ୍କ ସହ ଶତାଧିକ ମଞ୍ଚ କର୍ମକର୍ତ୍ତା ସାମିଲ ଥିଲେ।




ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ନିଜ ଶତାଧିକ ସମର୍ଥକଙ୍କ ସହ ଭାଜପା ଦଳରେ ସାମିଲ ହେଉଛନ୍ତି।

## ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ରାଉରକେଲା,୭।୫(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି କ୍ରୀଡା ବିଭାଗ ଆନୁକୂଲ୍ୟରେ ୩୭ତମ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ସେକ୍ଟର-୬ ସ୍ଥିତ ଇସ୍ପାତ ଷ୍ଟାଡିୟମରେ ଚାଲିଥିଲା। ଉଦ୍‌ଘାଟନୀ ଉତ୍ସବରେ ଆର୍‌ଏସପି ପ୍ରଶାସନ ଓ ସିଏସଆର ବିଭାଗ ସିଜିଏମ ପି.କେ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସହର ଇଞ୍ଜିନିୟରିଂଙ୍ଗ ବିଭାଗର ଜିଏମ ଇନଚାର୍ଜ ବି.କେ ଯୋଜୋ, ହସ୍ପିଟାଲ ପ୍ରଶାସନ, କ୍ରୀଡା ଓ ବିମାନ ବନ୍ଦର ଜିଏମ ଆର୍‌କେ ବର୍ମା ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଶିବିରରେ ୧୫ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସ୍ୱାଇଁ ନିଜ ବକ୍ତବ୍ୟରେ କହିଥିଲେ,ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ହେଉଛି ଏକ ବହୁ ପ୍ରତୀକ୍ଷିତ ବାର୍ଷିକ କାର୍ଯ୍ୟକ୍ରମ। ଯାହା ଶିଶୁ ଓ ଯୁବ ସମାଜକୁ କ୍ରୀଡା ଦକ୍ଷତାରେ ନିପୁଣ କରାଇବା ଲକ୍ଷ୍ୟ ରଖିଥାଏ। ପ୍ରାରମ୍ଭରେ ଆର.କେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କ୍ରୀଡା ବିଭାଗର ଉପ-ପ୍ରବନ୍ଧକ ଆର.ଏନ ପାଢୀ ଧନ୍ୟବାଦ ଦେଇଥିଲେ। ସିଆରଏମ ବିଭାଗର ସିନିୟର ଟେକ୍ନିସିଆନ ଏ.କେ ମଲ୍ଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।। ଶିବିରରେ ଛାତ୍ରୀଛାତ୍ର ଆଥେଲେଟିକ, ବ୍ୟାଡମିଣ୍ଟନ, ବାସ୍କେଟବଲ,ବକ୍ସିଙ୍ଗ, ଚେସ୍, କ୍ରିକେଟ, ସାଇକ୍ଲିଙ୍ଗ, ଫୁଟବଲ, ହକି, କବାଡି, ଟେବୁଲ ଟେନିସ୍, ଭଲିବଲ, ଭାରତ୍ତୋଳନ ଏବଂ ଯୋଗ ଆଦି ୧୪ଟି ବର୍ଗରେ କ୍ରୀଡା ତାଲିମ ଗ୍ରହଣ କରିବେ। ସମସ୍ତ ପ୍ରଶିକ୍ଷଣ ଇସ୍ପାତ ଷ୍ଟାଡିୟମ, ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ବାସ୍କେଟ ବଲ କମ୍ପ୍ଲେକ୍ସ, ଇସ୍ପାତ ଇଣ୍ଡୋର ଷ୍ଟାଡିୟମର ଚେସ ହଲରେ ଆୟୋଜିତ ହେବ।




ପ୍ରତିଯୋଗୀତାରେ ଭାଗ ନେଇଥିବା ଖେଳାଳି।

## ଆଇସିଏସ୍‌ଇ ପରୀକ୍ଷା: ଚିନ୍ମୟ ବିଦ୍ୟାଳୟର ଟପ୍ପର ଆଦିତ୍ୟ

**ରାଉରକେଲା,୭।୫,(ଦିନେଶ ମିଶ୍ର)**

ଆଇସିଏସ୍‌ଇ ପରିଚାଳିତ ଦ୍ୱାଦଶ ଓ ଦଶମ ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇବା ପରେ ଚିନ୍ମୟ ଇଂରାଜୀ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଏହି ବିଦ୍ୟାଳୟରେ ୨୧୧ ଜଣ ଦଶମ ବୋର୍ଡ ପରୀକ୍ଷା ଦେଇଥିବାବେଳେ ସମସ୍ତେ ପାସ୍ ହୋଇଛନ୍ତି। ସେଥିମଧ୍ୟରୁ ୫୦ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ମାର୍କ ରଖିଛନ୍ତି। ବିଦ୍ୟାଳୟର ଛାତ୍ର ଆଦତ୍ୟ କୁମାର ଦାସ ୯୯.୨ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଥିବା ବେଳେ ରୁଦ୍ର ନାରାୟଣ ସ୍ୱାଇଁ ୯୯ ପ୍ରତିଶତ ରଖି ଦ୍ୱିତୀୟ ଓ ଆଦ୍ୟାଶା ପାଣିଗ୍ରାହୀ ୯୮.୨ ମାର୍କ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ଯୁକ୍ତ ୨ ବୋର୍ଡ ପରୀକ୍ଷାରେ ବିଜ୍ଞାନରେ ୮ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବାବେଳେ ୧୫ ଜଣ ୮୦ ପ୍ରତିଶତ ମାର୍କ ରଖି ପାସ କରିଛନ୍ତି। ସେଥି ମଧ୍ୟରୁ ଅର୍ବାନ କୋ-ଅପରେଟିଭ ବ୍ୟାଙ୍କର ସିଇଓ ଆର.କେ ମିଶ୍ରଙ୍କ କନିଷ୍ଠ ପୁତ୍ର ସାର୍ଥକ ମିଶ୍ର ୯୬.୫ ପ୍ରତିଶତ ମାର୍କ ରଖି ଟପ୍ପର ହୋଇଥିବାବେଳେ ମଳୟ ଧଳ, ହିତେନ ଗାନ୍ଧୀ ଓ ସୌମ୍ୟ ରଞ୍ଜନ ମହାରଣା ୯୬ ପ୍ରତିଶତ ମାର୍କ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରାଉରକେଲାରେ ଆଇସିଏସ୍‌ଇ ମାଟ୍ରିକ ପରୀକ୍ଷାରେ ସେଣ୍ଟପଲସ୍ ସ୍କୁଲର ପିୟୁଷ ରଞ୍ଜନ ପଣ୍ଡା ସର୍ବାଧିକ ୯୯.୬୦ ପ୍ରତିଶତ ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

## ଭାଜପାର ମହିଳା ସମାବେଶ



ସମାବେଶରେ ଉପସ୍ଥିତ ମହିଳାମାନେ।

**ରାଉରକେଲା,୭।୫ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)**

ରାଉରକେଲା ଭାଜପା ବିଧାୟକ ପ୍ରାର୍ଥୀ ଦିଲୀପ ରାୟ ବିଜୟୀ ହେଲେ ସହରର ସର୍ବାଙ୍ଗୀନ ଉନ୍ନତି ସହ ବିଭିନ୍ନ ବସ୍ତି, ଗଳି କନ୍ଦିର ଉନ୍ନତି ହେବ ବୋଲି ଏକ ମହିଳା ସମ୍ମିଳନୀରେ ଭାଜପାର ସଭାନେତ୍ରୀ ଖୁର୍ସିଦା ବାନୋ ତାଙ୍କ ବକ୍ତବ୍ୟରେ ଏହା କହିଛନ୍ତି। ଖୁର୍ସିଦା ୱାର୍ଡ ନଂ-୨୭ ଲାଲବିଲ୍‌ଡିଙ୍ଗ ଶିବାଜୀମାର୍ଗ ଗଳିରେ ସ୍ଥାନୀୟ ୨ଶହରୁ ଊର୍ଦ୍ଧ୍ୱ ମହିଳାଙ୍କୁ ନେଇ ଏକ ସଭା ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ କରିଥିଲେ। ଏହି ସଭାରେ ରାଉରକେଲା ଭାଜପା ପ୍ରାର୍ଥୀ ଦିଲୀପ ରାୟଙ୍କ ସାନ ଭଉଣୀ ରଞ୍ଜିତା ମହାପାତ୍ର(ନିତୁ ଦିଦି) ମୁଖ୍ୟ ଅତିଥି ଭାବେ ଯୋଗଦେଇ ସହରର ବିକାଶ ନେଇ ଆଲୋଚନା କରିଥିଲେ। ଚଳିତ ନିର୍ବାଚନରେ ଭାଜପାକୁ ଭୋଟଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଦିଲୀପବାବୁଙ୍କ ହାତମୁଠାକୁ ଟାଣ କରିବାକୁ ମୁଖ୍ୟ ଅତିଥି ରଞ୍ଜିତା ଆହ୍ୱାନ ଦେଇଥିଲେ। ଏହି ମହିଳା ସମ୍ମିଳନୀରେ ସମ୍ମାନିତ ଅତିଥିଭାବେ ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ସାମାଜିକ କର୍ମୀ ଡ. ପଦ୍ମିନି ପାଣିଗ୍ରାହୀ, ସ୍ମିତା ନାୟକ, କବିତା ଦୁବେ, କାଳନ୍ଦୀ ବଡଜେନା, କେଦାର ମହାନ୍ତି, ଗୋଲଡି, ରିଙ୍କୁ ସାମଲ, ତାରାକିଷ୍ଟା ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ମହିଳାମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଲାଲବିଲ୍‌ଡିଙ୍ଗର ଭାଜପା ସଦସ୍ୟା ଦ୍ରୌପଦୀ ରାଉତ, ଆଶୁ ପାତ୍ର, ରେସ୍‌ମା ବାନୁ, ନିଷ୍ଠୁକା ତନ୍ତୀ, ପୂର୍ଣ୍ଣିମା ଦେ, ହେମନ୍ତ ତନ୍ତୀ, ଜୁବୁଲ ଜୟପୁରିଆ, କିଶୋର ତନ୍ତୀ, ସମୀର ଅନ୍‌ସାରୀ, ଆଦିତ୍ୟ ପ୍ରସାଦ, ମଙ୍ଗଲୁ, ରାଜା ତନ୍ତୀ, ସୀତାରାମ ତନ୍ତୀ, ଊର୍ମିଳା ସାହୁ, ଅନିତା ସିଂ, ସୁମନ ଗୋସ୍ୱାମୀ, ସବ୍‌ନମ୍ ପରବିନ୍, ରାମଯୋଗୀ ସାହାଣୀ, ଅଲକି ଗୋସ୍ୱାମୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସଭାନେତ୍ରୀ ଖୁର୍ସିଦା ଧନ୍ୟବାଦ ଅର୍ପଣ କରିଥିଲେ।

## ସହରରେ ଝଡ଼ ବର୍ଷା: ଗରମରୁ ସାମାନ୍ୟ ଆଶ୍ୱସ୍ତି

**ରାଉରକେଲା,୭।୫,(ଦିନେଶ ମିଶ୍ର)**

ରାଉରକେଲା ସହରରେ ଗ୍ରୀଷ୍ମର ଲହରୀ ଜାରି ରହିଥିବାବେଳେ ମଙ୍ଗଳବାର ସହରରେ ଝଡ଼ ବର୍ଷା ଆରମ୍ଭ ହୋଇଛି। ଫଳରେ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଝଡବର୍ଷା ଯୋଗୁ ଯାତାୟତରେ ବାଧା ସୃଷ୍ଟି ହୋଇଥିଲା। ସହରର କିଛି ସ୍ଥାନରେ ଗଛ ଭାଙ୍ଗିବା ସହ ବହୁ ସ୍ଥାନରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା।

## ଅନ୍‌ଲାଇନ ପାସ୍ ଫେରସ୍ତ ବ୍ୟବସ୍ଥା ଶୁଭାରମ୍ଭ

**ରାଉରକେଲା,୭।୫(ବିପ୍ଳବ ରଞ୍ଜନ ଦାଶ)**

ଦକ୍ଷତା ଏବଂ ସ୍ୱଚ୍ଛତା ବୃଦ୍ଧି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆର୍‌ଏସପି ଦ୍ୱାରା ଏକ ନବ ପଦକ୍ଷେପ ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ ଠିକା ଶ୍ରମିକଙ୍କ ମିଆଦ ପୂର୍ଣ୍ଣ ପାସର ନିରବଚ୍ଛିନ୍ନତା ଫେରସ୍ତ ପାଇଁ ଅନଲାଇନ କଣ୍ଟ୍ରାକ୍ଟର ଲେବର ମ୍ୟାନେଜମେଣ୍ଟ ସିଷ୍ଟମର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବହୁ ସିଜିଏମ,ବିଭାଗ ମୁଖ୍ୟ ଓ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ନୂତନ ଭାବେ କାର୍ଯ୍ୟକାରୀ ହୋଇଥିବା ବ୍ୟବସ୍ଥା ଅନୁଯାୟୀ, କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ(ସିଆଇଏସଏଫ) ଦ୍ୱାରା ଠିକା ଶ୍ରମିକ, ସୁପର ଭାଇଜର ଓ ଡ୍ରାଇଭରଙ୍କୁ ଦିଆ ଯାଇଥିବା ପାସ ସୂଚାରୁ ରୂପେ ପରିଚାଳିତ କରାଯାଉଛି। ଏହି ପାସ୍ ଗୁଡିକ ଆର୍‌ଏସପି ପରିସର ମଧ୍ୟରେ କାର୍ଯ୍ୟକାରୀ କରିବା ପାଇଁ ଦିଆଯାଇଥାଏ। ଯାହାର ନିର୍ଦ୍ଦିଷ୍ଟ ସମୟ ସୀମା ପରିସମାପ୍ତି ପରେ ଏହାକୁ ପୁଣି ଫେରସ୍ତ କରାଯିବ। ଆରଏସପିର ସି ଆଣ୍ଡ ଆଇଟି ବିଭାଗ ଦ୍ୱାରା ଉନ୍ନତ ଜ୍ଞାନ କୌଶଳରେ ବିକଶିତ ଓସିଏଲଏମଏସ ଓ ସିଆଇଏସଏଫ ପାସ ସିଷ୍ଟମ ମାଧ୍ୟମରେ ପାସ ଫେରସ୍ତର ଏକ ନିରନ୍ତର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଆଗକୁ ଠିକାଦାରମାନେ ବିନା କୌଣସି ଅସୁବିଧାରେ ଇନଭ୍ୟାଲିଡ ପାସ କିମ୍ବା ସମ୍ପୂର୍ଣ୍ଣ ଆସାଇନମେଣ୍ଟ ସହିତ ଜଡିତ ଥିବା ପାସ ଦାଖଲ କରିପାରିବେ। ନୂଆ ପାସ କିମ୍ବା ନୋ ଡିମାଣ୍ଡ ସାର୍ଟିଫିକେଟ ପ୍ରଦାନ ପାଇଁ ଏହା ସୁଗମ ପ୍ରକ୍ରିୟା। ଆବଶ୍ୟକୀୟ କାଗଜପତ୍ର ଦାଖଲ ପରେ ଠିକାଦାରଙ୍କୁ ଏକ ସ୍ୱିକୃତୀ ରସିଦ ପ୍ରଦାନ କରାଯାଇଛି।




ପାସ୍ ଶୁଭାରମ୍ଭ ନେଇ ଚାଲିଥିବା ବୈଠକରେ ଉପସ୍ଥିତ ଅତିଥିମାନେ।

## ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଭେଣ୍ଡିଂ ଜୋନ୍ ମାର୍କେଟ

**ରାଉରକେଲା,୭।୫(ଦିନେଶ ମିଶ୍ର)**

ରାସ୍ତାକଡ ଉଠା ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ସ୍ଥାନୀୟ ଆର୍‌ଏମ୍‌ସି ପକ୍ଷରୁ ବିଭିନ୍ନ ସ୍ଥାନରେ ଭେଣ୍ଡିଂଜୋନ ଦୋକାନ ନିର୍ମାଣ କରାଯାଇଛି। ଏଠାରେ ବ୍ୟବସାୟ କରି ବ୍ୟବସାୟୀମାନେ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ସରକାରଙ୍କ ପକ୍ଷରୁ ଋଣ ବ୍ୟବସ୍ଥା ସାଙ୍ଗକୁ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି। ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ପାନ ଓ ଚା ଦୋକାନ କରି ସେଠାରେ ବିଭିନ୍ନ ନିଶାଜାତୀୟ ଦ୍ରବ୍ୟ ବେଆଇନ ଭାବେ ବିକ୍ରି କରୁଛନ୍ତି। ଏଭଳି ଦୃଶ୍ୟ ରାଉରକେଲା ପାୱାରହାଉସ୍ ରୋଡ ସ୍ଥିତ ଭେଣ୍ଡିଂଜୋନ ମାର୍କେଟ କମ୍ପ୍ଲେକ୍ସ ଦେଖିବାକୁ ମିଳିଛି। ଏଠାରେ ସମୁଦାୟ ୪୫ଟି ଦୋକାନ ରହିଛି। ଏହି ମାର୍କେଟ ନିର୍ମାଣ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଥିବା ବହୁ ରାସ୍ତାକଡ ବ୍ୟବସାୟୀ ଭେଣ୍ଡିଂ ଜୋନରେ ଦୋକାନ ପାଇ ଭଲ ବ୍ୟବସାୟ କରିବେ ବୋଲି ଆଶା କରାଯାଇଥିଲା। ମାତ୍ର ବହୁ ବ୍ୟବସାୟୀ ଭେଣ୍ଡିଂଜୋନ ଦୋକାନ ହାତେଇବା ପରେ ପୂର୍ବଭଳି ରାସ୍ତାକଡରେ ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଭେଣ୍ଡିଂଜୋନରେ ଏକାଧିକ ଦୋକାନ ବନ୍ଦ ଥିବାରୁ ଏଠାରେ ବିଭିନ୍ନ ସମୟରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଛି। ଏହି ଭେଣ୍ଡିଂଜୋନ ମାର୍କେଟ ପାଖରେ ମ୍ୟୁନସିପାଲ ମହାବିଦ୍ୟାଳୟ ଶିକ୍ଷାନୁଷ୍ଠାନ ରହିଛି। ବିଭିନ୍ନ ସମୟରେ କଲେଜ ଛାତ୍ରୀମାନେ ଏହି ମାର୍କେଟ କମ୍ପ୍ଲେକ୍ସ ଆସି ନିଶାଦ୍ରବ୍ୟ ସେବନ କରି ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛନ୍ତି। ସେହିଭଳି ଅସାମାଜିକ ଯୁବକମାନେ ମଦ୍ୟପାନ କରି ମାର୍କେଟ ପରିସରରେ ମଦବୋତଲ ପକାଉଥିବା ଦେଖିବାକୁ ମିଳିଛି। ଏହି ଭେଣ୍ଡିଂଜୋନ ମାର୍କେଟରେ ବିଭିନ୍ନ ସମୟରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମି ରହଥିଲେ ମଧ୍ୟ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସେହିଭଳିଆ କୌଣସି ଆଖି ଦୃଷ୍ଟିଆ ପଦକ୍ଷେପ ନିଆଯାଇ ନାହିଁ। ଏନେଇ ରାଉରକେଲା ଅତିରିକ୍ତ ଏସ୍‌ପି ଆର.କେ ମିଶ୍ରଙ୍କୁ ପଚାରିବାରୁ, ପାୱାରହାଉସ୍ ଭେଣ୍ଡିଜୋନ ମାର୍କେଟରେ ଅସାମାଜିକ ଯୁବକଙ୍କ ଆଡ୍ଡା ଜମୁଥିବା ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଥାପି ଆମେ ପ୍ଲାଣ୍ଟସାଇଟ୍ ଥାନାକୁ ଏହି ବିଷୟରେ ଅବଗତ କରାଇ ସେଠାରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବୁ। ଉକ୍ତ ମାର୍କେଟ ପରିସରରେ ଯଦି କୌଣସି ଅପରିସ୍ଥିତି ଦେଖିବାକୁ ମିଳେ ତାହେଲେ ଆମେ ତୁରନ୍ତ ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ସେ କହିଥିଲେ।



ବନ୍ଦ ହୋଇ ପଡ଼ିରହିଥିବା ଦୋକାନ ଗୁଡିକ

## ସଂକ୍ଷେପରେ

### ପିକ୍ଅପ ଭ୍ୟାନ୍ ସହ ୯ କୁଇଣ୍ଟାଲ ମହୁଲ ଜବତ

**୧୦ହଜାର ଟଙ୍କା ଜବତ, ୨ଗିରଫ**

ରେଢାଖୋଲ, ୭।୫(ଅଚ୍ୟୁତାନନ୍ଦ ପୁରୋହିତ): ସମ୍ବଲପୁର ଜିଲା ରେଢାଖୋଲ ଅବକାରୀ ବିଭାଗ ମଙ୍ଗଳବାର ଚାରମାଳ ଥାନା ବାରବାଙ୍କ ଗ୍ରାମ ନିକଟରୁ ଏକ ପିକଅପ୍ ଭ୍ୟାନ ଯୋଗେ ବେଆଇନ ଭାବେ ଚୋରାଚାଲାଣ ହେଉଥିବା ୯କୁଇଣ୍ଟାଲ ମହୁଲ ଜବତ କରିଛି। ଚୋରାଚାଲାଣରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରାଯାଇଛି। ଗାଡିରୁ ନଗଦ ଦଶ ହଜାର ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଅନୁଗୋଳ ଜିଲା ଠାକୁରଗଡ ଥାନା ସିମିଳିଆଦାଣ୍ଡି ଗ୍ରାମର ପପୁନ ସାହୁ(୩୪)ଓ ହଣ୍ଡପା ଥାନା ସେରେଣ୍ଡା ଗ୍ରାମର ରିଙ୍କୁ ପ୍ରଧାନ(୨୫)ବୋଲି ଅବକାରୀ ସବଇନ୍ସପେକ୍ଟର ଯାଦବ ପ୍ରଧାନ ସୂଚନା ଦେଇଛନ୍ତି। ପିକ୍ଅପ ଭ୍ୟାନ (ନଂ ଓଡି ୧୯ଏସ-୦୧୧୫)ଯୋଗେ ବାରବାଙ୍କରୁ ମହୁଲ ଚୋରାଚାଲାଣ ହେଉଥିବା ନେଇ ସୂଚନା ପାଇ ଇନ୍ସପେକ୍ଟର ଦୁର୍ବାଦଳ ବିଶ୍ୱାଳ, ଏଏସଆଇ ଜିତେନ୍ଦ୍ର ପଟେଲ ସଦଳବଳେ ଚଢାଉ କରିଥିଲେ। ଗିରଫ ୨ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।



ଜବତ ପିକ୍ଅପ୍ ଭ୍ୟାନ୍ ସହ ଗିରଫ ୨ ଅଭିଯୁକ୍ତ।

### ଅଂଶୁଘାତଜନିତ ସଚେତନତା ଶିବିର

ରାଉରକେଲା,୭।୫(ଦିନେଶ ମିଶ୍ର): ବାସନ୍ତୀ କଲୋନୀସ୍ଥିତ ଝରଣା ବସ୍ତିରେ ଜଗତ୍ଜନନୀ ଏସ୍ଏଜି ଗ୍ରୁପ ପକ୍ଷରୁ ଅଂଶୁଘାତ ଜନିତ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏସ୍ଏଚ୍ଜି ଗ୍ରୁପର ମହିଳା ସଭାପତି ଦଶମି ଏକ୍କାଙ୍କ ସଭାପତିତ୍ୱରେ ଏହି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ସ୍ଥାନୀୟ ବସ୍ତିରେ ୭୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇଥିଲେ। ଶିବିରକୁ ଡା. ଏସ୍.କେ. ବିଶ୍ୱାସ ପରିଚାଳନା କରିଥିଲେ। ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ଅଧିକ ମାତ୍ରାରେ ପାଣି ପିଇବା ଓ ଦେହ, ହାତ ଘୋଳା ବିନ୍ଧାହେଲେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଡ. ବିଶ୍ୱାସ କହିଥିଲେ। ଅଂଶୁଘାତଜନିତ ରୋଗରୁ କିଭଳି ମୁକ୍ତିପାଇବା ଓ ତା'ର ମୁକାବିଲା କରିବା ପାଇଁ ଶିବିରରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ବସ୍ତିବାସୀଙ୍କୁ ପ୍ରଦର୍ଶନ କରାଯାଇଥିଲା। ପରେ ଗ୍ରୁପ ପକ୍ଷରୁ ସମସ୍ତଙ୍କୁ ମାଗଣାରେ ଓଆର୍ଏସ୍ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସୁଷମା ରାଉତ, ଲତିକା ଟପ୍ପୋ, ବାସନ୍ତୀ ଝା, ପଦ୍ମାବତୀ ବେହେରା, ଫୁଲମଣି ବାଡା, ସ୍ମିତା ରାଉତ, ଲିଲିମା ଟେଟେ, ରାନୁପ୍ରଭା ତନ୍ତୀ, ପଦ୍ମା ରାଉତ, କୌଶଲ୍ୟା ଡୁଙ୍ଗଡୁଙ୍ଗ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।




ଏନଟିପିସି ଦର୍ଲିପାଲି

# ବାଳିକାମାନେ ବିକଶିତ ସମାଜର ମୂଳଦୁଆ

**ଏନ୍ଟିପିସି ଦର୍ଲିପାଲି ପକ୍ଷରୁ ବାଳିକା ସଶକ୍ତୀକରଣ ଅଭିଯାନ**

ସୁନ୍ଦରଗଡ,୭।୫(ଜୟ ନାରାୟଣ ମେଣ୍ଡୁଲି)

ଏନଟିପିସି ଦର୍ଲିପାଲି ପକ୍ଷରୁ ଏକ ମାସ ବ୍ୟାପୀ ଆବାସିକ ବାଳିକା ସଶକ୍ତିକରଣ ମିଶନ କର୍ମଶାଳା ମଙ୍ଗଳବାର ଉଦ୍ଘାଟିତ ହୋଇଯାଇଛି। ପ୍ରକଳ୍ପ ପ୍ରମୁଖ ଏଚଏନ ଚକ୍ରବର୍ତ୍ତୀ ଓ ଅଭିଳାଷା ଲେଡିଜ କ୍ଲବର ଅଧ୍ୟକ୍ଷା ମଧୁମିତା ଚକ୍ରବର୍ତ୍ତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କର୍ମଶାଳାକୁ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଗ୍ରାମର ସରପଞ୍ଚ, ଶିକ୍ଷକ ଓ ଅଭିଭାବକମାନେ ଯୋଗଦେଇଥିଲେ। ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀ ମିଶ୍ର ତାଙ୍କ ଅଭିଭାଷଣରେ ବାଳିକା ସଶକ୍ତିକରଣ ମିଶନ କର୍ମଶାଳା ହେଉଛି ଏନଟିପିସିର ଏକ ନିଆରା ପଦକ୍ଷେପ। ଯାହା ଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ସହାୟକ ହୋଇଥାଏ ଏବଂ ସେମାନଙ୍କୁ ଏକାଧିକ ଦକ୍ଷତା ସହିତ ସଶକ୍ତ କରିଥାଏ ବୋଲି ସେ କହିଥିଲେ। ଚିଚିଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପଟେଲ ଆଖପାଖ ଗାଁର ବାଳିକାଙ୍କୁ ଏକା ଆଦର୍ଶ ପ୍ଲାଟଫର୍ମ ଯୋଗାଇ ଦେଇଥିବାରୁ ଏନଟିପିସି ପ୍ରତି କୃତଜ୍ଞତା ଜଣାଇଥିଲେ। ମୁଖ୍ୟ ଅତିଥି ଚକ୍ରବର୍ତ୍ତୀ ଅଭିଭାଷଣରେ ଏହି କାର୍ଯ୍ୟକ୍ରମ ଉପରେ ତାଙ୍କର ମୂଲ୍ୟବାନ ମତ ଦେଇ କହିଥିଲେ, ପ୍ରତିବର୍ଷ ବାଳିକାମାନେ ଏଠାକୁ ଆସି ଦକ୍ଷତା ବୃଦ୍ଧି ପାଇଁ ଏକ ସୁନ୍ଦର ପ୍ଲାଟଫର୍ମ ପାଇଥାନ୍ତି। ସଶକ୍ତ ବାଳିକାମାନେ ଏକ ବିକଶିତ ସମାଜର ମୂଳଦୁଆ ବୋଲି କହିଥିଲେ। ଆସନ୍ତା ଏକ ମାସ ମଧ୍ୟରେ ଏହି କର୍ମଶାଳାରେ ଭାଗ ନେଇଥିବା ବାଳିକାଙ୍କୁ ନୂତନ ଶିକ୍ଷା ଓ ପ୍ରତିଦିନ ଦକ୍ଷତା ବିକାଶ ସହିତ ସମୃଦ୍ଧ କରିବା ପାଇଁ ବିଭିନ୍ନ ଶିକ୍ଷାଗତ ଅଧିବେଶନ ଯୋଜନା କରାଯାଇଛି।

### କୁଆଁରମୁଣ୍ଡାରେ କାଳ ବୈଶାଖୀ

କୁଆଁରମୁଣ୍ଡା,୭।୫(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରେ କାଳ ବୈଶାଖୀ ଯୋଗୁ ବହୁ ଜୋରରେ ଧୂଳି ଝଡ଼ ହୋଇଥିଲା। ଫଳରେ ସ୍ଥାନୀୟ କଳକାରଖାନାର ବିଷାକ୍ତ କଳା ପାଉଁଶ ଉଡ଼ି ଲୋକଙ୍କ ଘର ଭିତରେ ପଶିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହା ସହ ଅନେକ ସ୍ଥାନରେ ଗଛ ଡାଳ ପଡ଼ି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଥିବାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ରାତି ୮ଟାରେ କୁଆଁରମୁଣ୍ଡାର ବ୍ଲକ କଲୋନୀ ସମେତ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ହୋଇଥିବା ବେଳେ ଆହୁରି ଅନେକ ଅଞ୍ଚଳ ଅନ୍ଧାର ଭିତରେ ରହିଛି।

## ସାଧାରଣ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପରିଚାଳନା ସମୀକ୍ଷା




ଦେବଗଡ଼,୭।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାରେ ମେ ୨୫ ତାରିଖରେ ମତଦାନ ହେବ। ଏହା ପୂର୍ବରୁ ସାଧାରଣ ପର୍ଯ୍ୟବେକ୍ଷକ ସୁରେଶ କୁମାର ଓଲା ଭାରତୀୟ ପ୍ରଶାସନିକ ସେବା ଦେବଗଡ଼ ଜିଲା ଗ୍ରସ୍ତରେ ଆସି ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସୋମେଶ କୁମାର ଉପାଧ୍ୟାୟ କିଭଳି ଶାନ୍ତିଶୃଙ୍ଖଳା ସହ ଆବଦ୍ଧ ମୁକ୍ତ ନିର୍ବାଚନ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହୋଇ କାର୍ଯ୍ୟ କରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ନିଯୁକ୍ତ ଥିବା ଅଧିକାରୀ ଏବଂ ବିଭିନ୍ନ ସ୍କ୍ୱାଡ ଟିମଙ୍କୁ କିଭଳି ପ୍ରାର୍ଥୀମାନଙ୍କ ସମ୍ପର୍କରେ ପର୍ଯ୍ୟବେକ୍ଷକ ପଚାରି ବୁଝିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଧର୍ମାନନ୍ଦ ବେହେରା, ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପରକ୍ଷିତ ସାହୁ, ଡେପୁଟି କଲେକ୍ଟର ଇଲେକ୍ସନ ଏଜେଲିନ ବାରା, ସହକାରୀ ଜିଲାପାଳ ହେମନ୍ତ ସିଂ, ତାପସ କୁମାର ମହାନ୍ତ, ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଗ୍ରସେନ ଓରାମ, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଘୁନାଥ ପାଣିଗ୍ରାହୀ, ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକ, କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝି, ତହସିଲଦାର ରିଆମାଳ ଜ୍ୟୋସ୍ନା ରାଣୀ ନାଏକ, ଅତିରିକ୍ତ ତହସିଲଦାର ବାରକୋଟ ବବୁରୁ ବାହନ ଦତ୍ତ, ଅତିରିକ୍ତ ତହସିଲଦାର ରିଆମାଳ ପ୍ରେମ ପ୍ରକାଶ ହୋରୋ ଓ ଜିଲାର ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଉଜ୍ଜଳା ଦିଦି ସଂଘ ପକ୍ଷରୁ ପଦଯାତ୍ରା




ଦେବଗଡ଼,୭।୫(ଶଶାଙ୍କ ଶେଖର ଝାଙ୍କର)

ଦୀର୍ଘ ୬ ବର୍ଷ ଧରି ପ୍ରତାରଣା କରିଥିବା ଅଭିଯୋଗ କରି ମଙ୍ଗଳବାର ସନ୍ଧ୍ୟାରେ ଓଡିଶା ଉଜ୍ଜଳା ଦିଦି ସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ଶୋଭାଯାତ୍ରା କରାଯାଇଥିଲା। ଓଡିଶା ଉଜ୍ଜଳା ଦିଦି ସଂଘର ବହୁ ସଦସ୍ୟା ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ସହିତ ଉଲ୍ଲେଖିତ ବ୍ୟାନର ସହିତ ଦେବଗଡ ପୌରାଞ୍ଚଳର ବିଭିନ୍ନ ସାହି ଗଳି ପରିକ୍ରମା କରିଥିଲେ। ଏହି ଅବସରରେ ସେମାନେ ୨୦୧୯ରେ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ତୈଳ ଓ ପ୍ରାସକୃତିକ ଗ୍ୟାସ ମନ୍ତ୍ରୀ ଥିବା ସମୟରେ 'ଉଜ୍ଜଳା ଯୋଜନା'ର ପ୍ରଚାର ପ୍ରସାର ତଥା ଠିକ ପରିଚାଳନା ନିମନ୍ତେ ପ୍ରତ୍ୟେକ ପଞ୍ଚାୟତରେ ଉଜ୍ଜଳା ଦିଦିମାନଙ୍କୁ ନିଯୁକ୍ତି ଦେବା ସହ ପ୍ରତ୍ୟେକ ନୂଆଁ ସଂଯୋଗ ପାଇଁ ୨୦୦ଟଙ୍କା ଓ ଗ୍ୟାସ ରିଫିଲିଂ ପାଇଁ ୨୦ ଟଙ୍କା ଲେଖାଏଁ ପ୍ରଦାନ କରିବା ସହିତ ପରବର୍ତ୍ତୀ ସମୟରେ ବିଭିନ୍ନ ସ୍କିମର ପରିଚାଳନା ଦାୟିତ୍ୱ ଏବଂ ମାସିକ କିଛି ଦରମା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ରାଜ୍ୟରେ କାର୍ଯ୍ୟରତ ୧୦ ହଜାର ଉଜ୍ଜଳା ଦିଦିଙ୍କୁ କାଣି କଉଡି ଟିଏ ଦେଇ ନ ଥିବା ସେମାନେ ଅଭିଯୋଗ କରିଥିଲେ। ସେହିପରି ଏଭଳି ପ୍ରତାରଣା ପାଇଁ ଆଗାମୀ ନିର୍ବାଚନରେ ପ୍ରଧାନଙ୍କୁ ଉଚିତ ଜବାବ ଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ସଂଘର ମୁଖ୍ୟ ଉପଦେଷ୍ଟା ବାସୁଦେବ ଭଞ୍ଜ, ଉପଦେଷ୍ଟା ପ୍ରଶନ୍ନ ବିଷୋୟୀ, ସଭାପତି କାଦମ୍ବିନୀ ସ୍ୱାଇଁ, ଆରତୀ ପ୍ରଧାନ ଓ ଶୁଭେନ୍ଦୁ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଉଥିବା ବେଳେ ସୋମବାର ଅନୁଗୋଳ, ମଙ୍ଗଳବାର ସକାଳେ ସମ୍ବଲପୁରରେ ସଂଘର ସଦସ୍ୟମାନେ ପଦଯାତ୍ରା କରିଥିଲେ। ସନ୍ଧ୍ୟାରେ ଦେବଗଡରେ ଏହି ପଦଯାତ୍ରା ଅନୁଷ୍ଠିତ ହୋଇଥିବା ସଂଘ ପକ୍ଷରୁ ସୂଚନା ମିଳିଛି।

### ୮ଜଣଙ୍କ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର କାଏମ, ୧ ଖାରଜ

**ଦେବଗଡ ବିଧାନସଭା ନିର୍ବାଚନମଣ୍ଡଳୀ**

ଦେବଗଡ଼,୭।୫(ଶଶାଙ୍କ ଶେଖର ଝାଙ୍କର)

ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ମଙ୍ଗଳବାର ପ୍ରାର୍ଥୀପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ମୋଟ ୯ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୮ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି। ତେବେ ନାମାନଙ୍କନ ପତ୍ରରେ ତ୍ରୁଟି ଯୋଗୁ ସ୍ୱାଧୀନ ପ୍ରାର୍ଥୀ ସୁଲେମାନ ଲାକଡାଙ୍କ ପ୍ରାର୍ଥିପତ୍ର ଖାରଜ ହୋଇଥିବା ଜଣାପଡିଛି। ସୂଚନା ଯୋଗ୍ୟ ଯେ, ଦେବଗଡ ବିଧାନସଭା ଆସନ ନିମନ୍ତେ ବିଜେଡି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଭାଜପା ପ୍ରାର୍ଥୀ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ କଂଗ୍ରେସ ପ୍ରାର୍ଥୀ ସେମ ହେମ୍ରମ ଓ ପ୍ରାଉଟିଷ୍ଟ ବ୍ଲକ ଅଫ ଇଣ୍ଡିଆ ପ୍ରାର୍ଥୀ ଡୋଳାକର ଭୋଇ, ସ୍ୱାଧୀନ ପ୍ରାର୍ଥୀ ନିରାକାର ପ୍ରଧାନ, ପ୍ରମୋଦ କୁମାର ଝାଙ୍କର, ସୁଲେମାନ ଲାକଡା ଓ ଜ୍ୟୋତି ଜୁଲିଆନ ଲାକ୍ରା ପ୍ରମୁଖ ୯ ଜଣ ପ୍ରାର୍ଥୀ ଉପ ଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ ନିକଟରେ ନିଜର ମନୋନୟନପତ୍ର ଦଖଲ କରିଥିଲେ।

### ବ୍ରଜରାଜନଗରରେ ପୋଲିସ ଫ୍ଲାଗ୍ମାର୍ଚ୍ଚ

ବ୍ରଜରାଜନଗର,୭।୫(ବିଜୟ ବରାଡ଼)

ସାଧାରଣ ନିର୍ବାଚନକୁ ଆଉ ଅଳ୍ପ ଦିନ ବାକି ରହିଥିବା ବେଳେ ବ୍ରଜରାଜନଗର ପୋଲିସ ପକ୍ଷରୁ ସହରରେ ସଚେତନତା କାର୍ଯ୍ୟକ୍ରମ ସ୍ୱରୂପ ଫ୍ଲାଗମାର୍ଚ୍ଚ କରାଯାଇଛି। ମଙ୍ଗଳବାର ସକାଳ ୮ଟାରେ ବ୍ରଜରଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ କରାଯାଇଥିଲା।

### ବାଲିପଟା ଗ୍ରାମରେ କଂଗ୍ରେସର ନିର୍ବାଚନ ପ୍ରଚାର



ଦେବଗଡ଼,୭।୫(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ତିଲେଇବଣି ବ୍ଲକ ଲଇମୁରା ଗ୍ରାମ ପଞ୍ଚାୟତର ବାଲିପଟା ଗ୍ରାମରେ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ସେମ ହେମ୍ରମଙ୍କ ନେତୃତ୍ୱରେ କଂଗ୍ରେସ ନେତା ଅନିଲ କୁମାର ଲାକ୍ରା, ଅମ୍ରିତ ହାଂସଦା, ଅନନ୍ତ ଦାସ, ଆକାଶ ଦାଶ, ବିନୟ କୁମାର ଦେବତା, ମନୋଜ ସୁହୁଲା, ନାଥକୃଷ୍ଣ ଜାଲ ଓ କ୍ଷୀରୋଦ ଦୀପ ପ୍ରମୁଖ ଉକ୍ତ ସଭାରେ ଉପସ୍ଥିତ ରହି ଦଳ ସପକ୍ଷରେ ନିର୍ବାଚନ ପ୍ରଚାର କରିଥିଲେ। ଏହି ଅବସରରେ ଗ୍ରାମବାସୀମାନଙ୍କୁ କଂଗ୍ରେସ ପକ୍ଷରୁ ପ୍ରସ୍ତୁତ ଗ୍ୟାରେଣ୍ଟି କାର୍ଡ ଓ ଲିଫ୍ଲେଟ ପ୍ରଦାନ କରାଯିବା ସହ ଦଳର ଉଭୟ ବିଧାନସଭା ଓ ଲୋକ ସଭା ପ୍ରାର୍ଥୀମାନଙ୍କ ସପକ୍ଷରେ ଭୋଟ ଦେବାକୁ କଂଗ୍ରେସ ନେତା ଓ କର୍ମୀମାନେ ନିବେଦନ କରିଥିଲେ।

### ବାରକୋଟ ଥାନାଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ୍ମାର୍ଚ୍ଚ



ଦେବଗଡ଼,୭।୫(ଶଶାଙ୍କ ଶେଖର ଝାଙ୍କର)

ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବାରକୋଟ ଥାନାଞ୍ଚଳର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ନିର୍ବାଚନକୁ ଅବାଧ, ଭୟମୁକ୍ତ ଓ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ପାଇଁ ପୋଲିସ ପକ୍ଷରୁ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ଜଣାପଡିଛି। ଦେବଗଡ ଏସଡିପିଓ ସୌମ୍ୟରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଫ୍ଲାଗମାର୍ଚ୍ଚରେ ବାରକୋଟ ଥାନା ଅଧିକାରୀଣି ଯାଜ୍ଞସେନୀ ପ୍ରଧାନଙ୍କ ସମେତ ବାରକୋଟ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ, ଜିଲା ଏକ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ତ୍ରିପୁରା ଷ୍ଟେଟ ପୋଲିସର ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ସାମିଲ ହୋଇଥିଲେ। ବାରକୋଟ ଥାନା ଅନ୍ତର୍ଗତ କଲା, ମଧପୁର, କେଲ୍ଡା ଓ ରାବଣକୁଟା ଅଞ୍ଚଳରେ ଏହି ଫ୍ଲାଗମାର୍ଚ୍ଚ କରାଯାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

### ମଇଦାନରେ ୬ ପ୍ରତିଦ୍ୱନ୍ଦ୍ୱୀ

ରାଜଗାଙ୍ଗପୁର,୭।୫(ଅଶୋକ ପାଣି): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଚଳିତବର୍ଷ ୬ ପ୍ରାର୍ଥୀ ମଇଦାନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବିଜେଡିର ଅନିଲ ବରୁଆ, କଂଗ୍ରେସର ଡ. ସିଏସ୍ ରାଜନ ଏକ୍କା, ଭାଜପାର ନରସିଂହ ମିଞ୍ଜ ରହିଥିବା ବେଳେ, ଏସ୍ୟୁସିଆଇ କମ୍ୟୁନିଷ୍ଟ ପାର୍ଟିର ଲେଓନି ତିର୍କୀ, ନ୍ୟାଶନାଲ ଅପନି ପାର୍ଟିର ରୋଶନ ଏକ୍କା ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜଗାଙ୍ଗପୁରର ପୂର୍ବତନ କଂଗ୍ରେସ ବିଧାୟକ ଗ୍ରେଗୋରି ମିଞ୍ଜ ରହିଛନ୍ତି।

# ଉଜ୍ଜ୍ୱଳା ଦିଦିଙ୍କୁ ନ୍ୟାୟ ଦେଉ ଭାଜପା: ବିଜେଡି

ସମ୍ବଲପୁର,୭।୫(ପ୍ରମୋଦ ବହିଦାର)

ମହିଳା ସଶକ୍ତିକରଣର ଶ୍ରେୟ ନେଇ ଡିଣ୍ଡିମ ପିଟୁଥିବା କେନ୍ଦ୍ରୀୟ ନେତା ଏହାକୁ ନିର୍ବାଚନୀ ପ୍ରସଙ୍ଗ କରି ଭୋଟ ହାତେବାକୁ ବିଫଳ ପ୍ରୟାସ କରୁଛନ୍ତି ବୋଲି କହିଛନ୍ତି ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି। ଉଜ୍ଜ୍ୱଳା ଦିଦିଙ୍କୁ ଦେଖି ଖବରଦାତା ସମ୍ମିଳନୀ ଛାଡ଼ି ଚାଲି ଯାଇଥିଲେ ଧର୍ମେନ୍ଦ୍ର ପ୍ରଧାନ। ଏହାର ଏକ ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ଯାହା ଉଜ୍ଜ୍ୱଳା ଦିଦିଙ୍କ ପ୍ରତି କେନ୍ଦ୍ରମନ୍ତ୍ରୀ ଅନ୍ୟାୟ କରିଥିବା ପ୍ରମାଣ କରିଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଥିବା ସମୟରେ ଉଜ୍ଜ୍ୱଳା ଦିଦି ନାମରେ ମହିଳାମାନଙ୍କୁ ନିଯୁକ୍ତି ଦେଇଥିଲେ। ସେମାନଙ୍କୁ ଘରଘର ଯାଇ ଉଜ୍ଜ୍ୱଳା ଯୋଜନା ହିତାଧିକାରୀଙ୍କୁ ଯୋଜନାର ଲାଭ ସମ୍ପର୍କରେ ବୁଝାଇବା, ସୁରକ୍ଷିତ ଉପାୟରେ ରୋଷେଇ ଗ୍ୟାସ ବ୍ୟବହାର କରିବା ପାଇଁ ପ୍ରଦାନ କରଯାଇଥିବା ଗୁରୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ସେମାନଙ୍କୁ ପାରିଶ୍ରମିକ ଦିଆଯାଇନାହିଁ। ଏହାର ପ୍ରତିବାଦ କରିବାରୁ ପେଟ୍ରୋଲିୟମ ମନ୍ତ୍ରୀରୁ ଶିକ୍ଷାମନ୍ତ୍ରୀ ଦାୟିତ୍ୱ ପାଇଥିବା ପ୍ରଧାନ ଉକ୍ତ ଉଜ୍ଜ୍ୱଳା ଦିଦିମାନଙ୍କୁ ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ ହେଉଥିବା ଡ. ମହାନ୍ତି କହିଛନ୍ତି। ଉଜ୍ଜ୍ୱଳା ଦିଦିମାନେ ପ୍ରଥମେ ସେମାନଙ୍କ ଗୁହାରି କରିବାକୁ ଚେଷ୍ଟା କରିଥିଲେ। ସେମାନଙ୍କ ଗୁହାରୀ କେହି ନ ଶୁଣିବାରୁ ଶେଷରେ ସେମାନେ ବାଧ ହୋଇ ମଙ୍ଗଳବାର ଆନ୍ଦୋଳନ କରିଥିଲେ। ଏହାଦେଖି ଏକ ଖବରଦାତା ସମ୍ମିଳନୀରୁ ପ୍ରଧାନ ଚାଲିଯାଉଥିବା ଦୃଶ୍ୟର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ମହିଳା ସଶକ୍ତିକରଣ କଥା କହୁଥିବା ପ୍ରଧାନଙ୍କ ଏଭଳି ଆଚରଣ ଉଜ୍ଜ୍ୱଳା ଦିଦିଙ୍କୁ ଅଣଦେଖା କରିବା ଦୁର୍ଭାଗ୍ୟଜନକ ବୋଲି ଡ. ମହାନ୍ତି କହିଛନ୍ତି। ସେ କହିଛନ୍ତି ଓଡ଼ିଶାରେ ମିଶନ ଶକ୍ତି ପ୍ରୟାସ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି। ୧୪୭ବିଧାନ ସଭା ଆସନରୁ ବିଜେଡି ୩୩ଜଣ ମହିଳାଙ୍କୁ ଟିକେଟ ଦେଇଥିବା ବେଳେ ଭାଜପା ୧୨ଜଣଙ୍କୁ ଟିକେଟ ଦେଇଛି। ଏହା ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମହିଳା ସଶକ୍ତିକରଣ ଅଭିଯାନର ଅଂଶବିଶେଷ ବୋଲି ଡ. ମହାନ୍ତି ଏକ ପ୍ରେସ ବିବୃତି ଜରିଆରେ ପ୍ରକାଶ କରିଛନ୍ତି।

## ବଦନାମ କରିବାକୁ ବିଜେଡିର ଚକ୍ରାନ୍ତ: ଭାଜପା

ସମ୍ବଲପୁର,୭।୫(ପ୍ରମୋଦ ବହିଦାର): ବିଜେଡିର ଅଭିଯୋଗକୁ ଏକ ମନଗଢ଼ା କାହାଣୀ ବୋଲି କହିଛନ୍ତି ଭାଜପା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ସବିତା ନନ୍ଦ। ଉଜ୍ଜ୍ୱଳା ଦିଦିଙ୍କୁ ନେଇ ପ୍ରାୟୋଜିତ କାହାଣୀ ରଚି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବଦନାମ କରିବା ପାଇଁ ବିଫଳ ପ୍ରୟାସ କରୁଥିବା ବିଜେଡି ନେତାଙ୍କୁ ସମ୍ବଲପୁରବାସୀ ଚଳିତ ନିର୍ବାଚନରେ ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି । ସମ୍ବଲପୁର ଲୋକ ସଭା ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ, ଲେନିନ ମହାନ୍ତି ଓ ସିଦ୍ଧାର୍ଥ ଶାହଙ୍କ ଏଭଳି ଚକ୍ରାନ୍ତକୁ ସମ୍ବଲପୁରବାସୀ ଜାଣି ସାରିଲେଣି। ଏହି ମିଥ୍ୟା ନାଟକର ନିର୍ଦ୍ଦେଶକ ପ୍ରଣବ ପ୍ରକାଶ ଦାସ, ପ୍ରଯୋଜକ ସିଦ୍ଧାର୍ଥ ଶାହ ଓ ସଂଳାପକାର ଲେନିନ ମହାନ୍ତି ଲୋକଙ୍କୁ ଭ୍ରମିତ କରିବାରୁ ନିବୃତ୍ତ ରୁହନ୍ତୁ ବୋଲି ସେ କହିଛନ୍ତି। ହାରିବା ଭୟରେ ବିଜେଡି ନେତାମାନେ ଔଷଧ ବିକଳରେ ତାଟିଆ କାମୁଡି ଜିଲାରୁ ନକଲି ଉଜ୍ଜ୍ୱଳା ଦିଦିଙ୍କୁ ନେଇ ମିଥ୍ୟା ନାଟକ ରଚନା କରୁଛନ୍ତି ଲେନିନ ମହାନ୍ତି। କୌନ ବନେଗା କରୋଡପତି ଭଳି ଏକ ଲୋକପ୍ରିୟ ଧାରାବାହିକରେ ଧର୍ମେନ୍ଦ୍ରଙ୍କୁ ଅଭିନେତା ଅମିତାଭ୍ ବଚ୍ଚନ ଉଜ୍ଜ୍ୱଳା ମ୍ୟାନ ବୋଲି ସମ୍ବୋଧିତ କରିଥିଲେ। ତାଙ୍କ ନେତୃତ୍ୱରେ ଦେଶରେ ପ୍ରାୟ ୧୧ କୋଟିରୁ ଊର୍ଦ୍ଧ୍ୱ ପରିବାର ଉଜ୍ଜ୍ୱଳା ଗ୍ୟାସ ବ୍ୟବହାର କରୁଛନ୍ତି। ଉଜ୍ଜ୍ୱଳା ଯୋଜନାର ସଫଳତା ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସାମିଲ ହୋଇଛି। ତେବେ ଉଜ୍ଜ୍ୱାଲା ଯୋଜନାକୁ ନେଇ ଅପପ୍ରଚାର କରୁଥିବା ବିଜେଡି ନେତାଙ୍କୁ ସମ୍ବଲପୁରର ମା' ଭଉଣୀମାନେ ଆଦୌ କ୍ଷମା ଦେବେ ନାହିଁ। ତେଣୁ ଏଭଳି ଅପପ୍ରଚାର ଓ ହୀନ ରାଜନୀତିରୁ ସେମାନେ ନିବୃତ୍ତ ରୁହନ୍ତୁ ବୋଲି ସବିତା କହିଛନ୍ତି।

